# ରାଜ୍ୟସ୍ତରୀୟ ଉତାଲଗଡ଼ ନାଟ୍ ଉଚ୍ଛବ୍ ଉଦ୍‌ଘାଟିତ

**ବିଜେପୁର, ୧୮।୨(ସମିସ)**

ନାଟକ ଜୀବନ୍ତ କଳା ଅଟେ। ସାମାଜିକ ବିବର୍ତନ ପାଇଁ ଚେତନା ସୃଷ୍ଟି କରିବାର ପ୍ରକୃତ ମାଧ୍ୟମ ହିଁ ନାଟକ। ତେଣୁ ନାଟକପାଇଁ ପ୍ରତିବଦ୍ଧତା, ଅଙ୍ଗିକାରବଦ୍ଧତା ରହିବା ନିହାତି ଜରୁରି ବୋଲି ୧୪ତମ ରାଜ୍ୟସ୍ତରୀୟ

• ସମାଜ ସୁଧାର ପାଇଁ ଚେତନା ସୃଷ୍ଟିର ପ୍ରକୃତ ମାଧ୍ୟମ ନାଟକ ଅଟେ
• ନାଟକପାଇଁ ପ୍ରତିବଦ୍ଧତା ରହିବା ନିହାତି ଆବଶ୍ୟକ
• ନାଟକର କୁମ୍ଭମେଳା ପାଲଟିଛି ଉତାଲଗଡ଼

ଉତାଲଗଡ଼ ମହୋତ୍ସବରେ ମତପ୍ରକାଶ ପାଇଛି। ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଅଗ୍ରଣୀ ନାଟକ ଅନୁଷ୍ଠାନ ଉତାଲଗଡ଼ ନାଟ୍ୟ ସଂସଦ ତରଫରୁ ଖଗେଶ୍ୱର ମଣ୍ଡପରେ ଶନିବାର ଦିନ ଉଦ୍‌ଘାଟିତ ହୋଇଛି ଏହି ପ୍ରସିଦ୍ଧ ମହୋତ୍ସବ। ଅନୁଷ୍ଠାନର ସଂଯୋଜକ ଅଧ୍ୟାପକ ସୁଶାନ୍ତ ମିଶ୍ରଙ୍କ ପରିଚାଳନାରେ ଏବଂ ସଂସଦର ସଭାପତି ସର୍ଜନ ପଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ହସ୍ତତନ୍ତ ତଥା ବୟନ ଶିଳ୍ପମନ୍ତ୍ରୀ ରିତା ସାହୁ ମୂଖ୍ୟ ଅତିଥି ଭାବରେ ଯୋଗଦାନ କରି ଏହି ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ନାଟକ ମହୋତ୍ସବ ଆଜି ସମଗ୍ର ଜିଲ୍ଲାକୁ ପରିଚୟ ଦେଇଛି ଓ ସାହିତ୍ୟ ସଂସ୍କୃତର ମାଇଲଖମା ହୋଇଛି ବୋଲି କହିଥିଲେ। ବିଶିଷ୍ଟ ଅତିଥି ବିଜେପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ମୋତିରାମ ସାହୁ, ସମ୍ମାନିତ ଅତିଥି ରାଜ୍ୟ ସଂସ୍କୃତି ବିଭାଗର ରିସୋର୍ସ ପର୍ସନ ଅଜୟ ମିଶ୍ର, ଜିଲ୍ଲା ସାଂସ୍କୃତିକ ସଂଘ ଉପସଭାପତି ଅମୃତ ବାରିକ,



ରେଡିଏନ୍ସ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ଅଜିତ ମେହେର, ସ୍ଥାନୀୟ ସରପଞ୍ଚ କାମିନୀ ପଧାନ ପ୍ରମୂଖ ଗ୍ରାମଞ୍ଚଳରେ ଏଭଳି ବିରଳ ପ୍ରୟାସକୁ ପ୍ରଶଂସା କରିଥିଲେ। ସମ୍ପାଦକ ଉମେଶ ଭୋଇ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ବରିଷ୍ଠ ସଦସ୍ୟ ସୁଶାନ୍ତ ରଞ୍ଜନ ପଧାନ ଦାବୀପତ୍ର ଉପସ୍ଥାପନ କରିଥିଲେ। ମଞ୍ଚଶିଳ୍ପୀ ତଥା ସଂଗଠକ ବିକ୍ରମାଦିତ୍ୟ ପଧାନଙ୍କୁ ଚଳିତ ବର୍ଷର ମର୍ଯ୍ୟାଦା ଜନକ ଖଗେଶ୍ୱର ସମ୍ମାନ ପ୍ରଦାନ କରାଯାଇଥିଲା। ତାଳପଦର ରସିଟଣା ବାହୁବଳି ଦଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚଳିତବର୍ଷର ମହୋତ୍ସବକୁ ଦିବଂଗତ ପୂର୍ବତନ ସଭାପତି ରାଜକିଶୋର ମିଶ୍ରଙ୍କ ନାମରେ ଉତ୍ସର୍ଗ କରାଯାଇଥିଲା। ଏହାପରେ "ଗର୍‌ଜି ଘୁମ୍‌ରି ଦୁଲ୍‌ଦୁଲି ବଜା ବାଜ୍‌ଲା ଭର୍‌ନି ପାର୍...ରୁ ଆରମ୍ଭ ହୋଇଥିଲା ଉତାଲଗଡ଼ ଉଛବର ନାଟକ କାର୍ଯ୍ୟକ୍ରମ। ଓଡ଼ିଶା ସଂସ୍କୃତି ବିଭାଗ ପ୍ରାୟୋଜିତ କୋଶଲ ଏକାଡେମୀ ବଲାଙ୍ଗିରର କଳାକାରମାନଙ୍କ ଡାଲଖାଇ ନୃତ୍ୟ ଓ ରାଧାକୃଷ୍ଣ ଯାଦବ ସଂଘ ଢେଙ୍କାନାଳର ଲଉଡି ନୃତ୍ୟରେ ଝୁମି ଉଠିଥିଲେ ଦର୍ଶକ। ଏହାପରେ ସୁମନ୍ତ ଭୋଇଙ୍କ ରଚିତ ଓ ନିର୍ଦ୍ଦେଶିତ 'ଟୁକୁ' ନାଟକକୁ ବିଣାପାଣି ନାଟ୍ୟ ସଂସଦ ବଡକର୍ଲେ ସୋନପୁରର କଳାକାରମାନେଁ ପରିବେଷଣ କରିଥିଲେ। ମଣିଷ ଜୀବନରେ ସମ୍ପର୍କର ବ୍ୟବଧାନ ଲମ୍ବିଚାଲିଛି। ପୁଅ ଝିଅ ନାହିଁ ବୋଲି ଟାହି ଟାପରା କରୁଥିବା ଦମ୍ପତିଙ୍କ ଦୁଃଖ ଲାଘବ ହୋଇଯାଇଛି ଯେତେବେଳେ ଚାରି ପୁଅ ଥିବା ଆଉ ଏକ ଦମ୍ପତି ବୃଦ୍ଧାଶ୍ରମରେ ସମୟ ଅତିବାହିତ କରୁଥିବା ଚିତ୍ର ଦେଖୁଛନ୍ତି। ଦ୍ୱିତୀୟରେ ନାଟ୍ୟକାର ଅଶୋକ ବହିଦାରଙ୍କ ରଚନା ଓ ବିଶ୍ରାମ ମେହେରଙ୍କ ନିର୍ଦ୍ଦେଶନାରେ ଅବର୍ଣ୍ଣିଗୁଣାଁ ପଦ୍ମପୁରର କଳାକାରମାନେ 'ଟିକଟ' ନାଟକ ପରିବେଷଣ କରିଥିଲେ। ସମାଜରେ ଆଜି ମଧ୍ୟ ଗଣତନ୍ତ୍ରର ରଙ୍ଗରେ ରାଜତନ୍ତ୍ର ରହିଛି। ତେଣୁ ପରିବାରବାଦ ରାଜନିତୀରୁ ମୁକ୍ତ ହୋଇପାରି ନାହିଁ ସମାଜ ସଂକ୍ରାନ୍ତରେ ନାଟକ କଥାବସ୍ତୁକୁ ନିଖୁଣ ଭାବରେ କଳାକାରମାନେ ପରିବେଷଣ କରିଥିଲେ। ଆଜିର ତୃତୀୟ ନାଟକ 'ଭାବ ନୁ ଅଭାବ'କୁ ପରିବେଷଣ କରିଥିଲେ ଅଦୃଶ୍ୟ ନାଟ୍ୟ ଆଶ୍ରମ ସମ୍ବଲପୁର କଳାକାରମାନେ। ନାଟ୍ୟକାର ଅତିଶ କୁମାର ଶତପଥୀ ଏହାର ରଚନା ଓ ନିର୍ଦ୍ଦେଶନା ଦେଇଥିଲେ। ସମ୍ପର୍କ ଓ ବିଶ୍ୱାସକୁ ଆଧୁନିକତାର ସ୍ୱାର୍ଥ ଓ ଆତ୍ମଗର୍ବ ଦୋହଲାଇ ଦେଇଥାଏ। ମାତ୍ର ଯେତେ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେଲେ ସୁଦ୍ଧା ପ୍ରକୃତ ସମ୍ପର୍କର ମୃତ୍ୟୁ ହୋଇ ନ ଥାଏ ଏବଂ ଭାବରୁ ଅଭାବକୁ ହଟାଇଦେଇଥାଏ। ଅନୁଷ୍ଠାନର ସଭାପତି ସମ୍ପାଦକଙ୍କ ସମେତ ବାସୁଦେବ ପଧାନ, ଯିତିପତିରଣା, ଗଜାନନ ସାହୁ, ହୃଦମଣି ସାହୁ, ବିବେକାନନ୍ଦ ପଧାନ, ଚୈତନ୍ୟ ବିଶ୍ୱାଳ, ସୁଶାନ୍ତ ରଞ୍ଜନ ପଧାନ, ନେତ୍ରାନନ୍ଦ ସାହୁ, ଗଣନାଥ ପଧାନ, ଭୋଜରାଜ ପଧାନ, ରମେଶ ପଧାନ, ଦୀପକ ସାହୁ, ଆଲୋକ ସାହୁ, ସୁନନ୍ଦ ପଧାନ, ତରଣୀ ବିଶ୍ୱାଳ, ସତ୍ୟ ପଧାନ, ଅନାଦି ପଧାନ, ଖଗେଶ୍ୱର ସାହୁଙ୍କ ସମେତ ସମସ୍ତ ସଦସ୍ୟମାନେ ବିଭିନ୍ନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଉକ୍ତ ମହୋତ୍ସବରେ ଶିବଶଙ୍କର ପୁଜାହାରୀଙ୍କ ସମ୍ବଲପୁରୀ ଗୁଛା, ରଞ୍ଜନ ରଣାଙ୍କ ଟେରାକୋଟା, ସୃଷ୍ଟିକଲେଖା ପୁରୋହିତଙ୍କ କ୍ରାଫ୍ଟ ପ୍ରଦର୍ଶନୀ, ଅହିଂସା କ୍ଲବ ଭୁତିବାହାଲର ଦେଶୀ ବିହନ ପରବ ଆଦି ପ୍ରଦର୍ଶନୀ ପଦର୍ଶିତ ହୋଇଥିଲା।

## ପରିକ୍ରମାରେ ବାହାରିଲା ଗଙ୍ଗାଧର ଜ୍ୟୋତି ରଥ

**ବରପାଲି,୧୮।୨ (ସମିସ):** ବରପାଲି ମେହେର ଭୁଲିଆ ସମାଜ କଲ୍ୟାଣମଣ୍ଡପରୁ ପରିକ୍ରମାରେ ଗଙ୍ଗାଧର ଜ୍ୟୋତିରଥ ବାହାରିଯାଇଛି। ବରପାଲି ମେହେର ସମାଜ ସଭାପତି ମହେନ୍ଦ୍ର ମେହେରଙ୍କ ସମେତ ଅନ୍ୟ କର୍ମକର୍ତ୍ତା ମାନଙ୍କ ସହାୟତାରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ନିଖିଳ ଓଡିଶା ମେହେର ଭୁଲିଆ ସମାଜ ଆନୁକୂଲ୍ୟରେ ବରଦା ଦୁର୍ଗା ମନ୍ଦିରରେ ପୂଜାର୍ଚ୍ଚନା କଲାପରେ ଆଜ୍ଞାମାଳ ନେଇ ପରିକ୍ରମା ପର୍ବ ଆରମ୍ଭ ହୋଇଥିଲା। ଗଙ୍ଗାଧର ସଙ୍ଗିତ ଗାନ ସହ ଜ୍ୟୋତିରଥ ସହର ପରିକ୍ରମା ମାଧ୍ୟମରେ କବିଙ୍କ ପ୍ରତିମୂର୍ତ୍ତିରେ ସମାଜର ପୁରୁଷ ନାରୀ ଓ ନିମନ୍ତ୍ରିତ ଅତିଥିଙ୍କ ଗହଣରେ ରଥଯାତ୍ରା ଆରମ୍ଭ କରାଯାଇଥିଲା। ଆଜି ପ୍ରଥମ ଦିବସରେ ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଅଞ୍ଚଳ ସହ ଆଖପାଖ ଗ୍ରାମ ତଥା ବିନିକା ବ୍ଲକରେ ରଥକୁ ସମାଜ ସ୍ୱାଗତ ଓ ସଚେତନତା ସଭାର ଆୟୋଜନ କରାଯାଇଛି। ସପ୍ତାହବ୍ୟାପି ଗଙ୍ଗାଧରଙ୍କ ସଙ୍ଗୀତ ପରିବେଷଣ ସହ ଆଲୋଚନାଚକ୍ର, ମେହେର ଏକତାକୁ ସୁଦୃଢ ପାଇଁ ସଭାର ଆୟୋଜନ ଏବଂ ଆସନ୍ତା ଏପ୍ରିଲରେ ବରପାଲିରେ ସ୍ୱଭାବ କବିଙ୍କ ଶ୍ରାଦ୍ଧ ଶତବାର୍ଷିକୀ ଓ ମେହେର ସମାଜର ମହାସଭା ଉପରେ ସଚେତନତା ସୃଷ୍ଟି ନିମନ୍ତେ ଜ୍ୟୋତିରଥ ପରିକ୍ରମା ବ୍ୟବସ୍ଥା ହୋଇଥିବା କବିଙ୍କ ପ୍ରପୌତ୍ର ଶ୍ରୀ ମେହେର ଜଣାଇଛନ୍ତି।



## ବିପୁଳ ମଦ ଜବତ, ଜଣେ ଗିରଫ

**ଅମ୍ବାଭୋନା, ୧୮।୨ (ସମିସ):** ଅମ୍ବାଭୋନା ଥାନାଧିକାରୀ ବୁଲୁ ମୁଣ୍ଡାଙ୍କ ତତ୍ତ୍ୱାବଧାନରେ ଅମ୍ବାଭୋନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ଉ କରି ବେଆଇନ ମଦ କାରବାରରେ ସଂଶ୍ଳିଷ୍ଟ ଜଣେ ବ୍ୟକ୍ତିଙ୍କୁ ଗିରଫ କରିବା ସହ ଅଭିଯୁକ୍ତଙ୍କଠାରୁ ବିପୁଳ ପରିମାଣର ବିଦେଶୀ ମଦ ଜବତ କରାଯାଇଛି। ଗିରଫ ବ୍ୟକ୍ତି ଜଣକ ହେଉଛନ୍ତି ଲଖନପୁର ନିବାସୀ ଝସକେତନ ନାଏକ। ୧୩୮ ଲିଟର ମଦ ମଧ୍ୟରେ ୬୮ ଲିଟର ବିଦେଶୀ ମଦ, ୫୭ ଲିଟର ଦେଶୀ ପାଉଚ ମଦ ଏବଂ ୧୪ ଲିଟର ରନ୍ଧା ମଦ ଜବତ ହୋଇଥିବା ଜଣାପଡ଼ିଛି। ଏନେଇ ଅମ୍ବାଭୋନା ଥାନାରେ ପୃଥକ୍ ଦୁଇଟି ମାମଲା ରୁଜୁ ହୋଇଛି। ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ପୁଲିସ ସୂତ୍ରରୁ ପ୍ରକାଶ।



ଅମ୍ବାଭୋନା ଥାନାରେ ପୃଥକ ମାମଲା

## ଲିଟିଲ ଏଞ୍ଜେଲ୍ସ ସ୍କୁଲ ପ୍ରତିଷ୍ଠାତାଙ୍କ ଚତୁର୍ଥ ଶ୍ରାଦ୍ଧୋତ୍ସବ

**ବରପାଲି,୧୮ ।୨(ସମିସ):** ବରପାଲି ଲିଟିଲ ଏଞ୍ଜେଲସ ପବ୍ଲିକ ସ୍କୁଲରେ ଏକାଡ଼େମୀର ପ୍ରତିଷ୍ଠାତା ସର୍ଗତଃ ଡା ଧୀରେନ୍ଦ୍ରନାଥ ମୁଣ୍ଡଙ୍କ ଚତୁର୍ଥ ବାର୍ଷିକୀ ଶ୍ରାଦ୍ଧସ୍ବବ ଆୟୋଜିତ ହୋଇଯାଇଛି। ରବିବାର ପୁର୍ବାହ୍ନରେ ସ୍କୁଲ ଛାତ୍ରଛାତ୍ରୀଙ୍କ ସହ ପରିଚାଳନା ସଭାପତି ଡା. ସୁବ୍ରତ ମୁଣ୍ଡ, ନିର୍ଦ୍ଦେଶିକା ସୁନିତା ମୁଣ୍ଡଙ୍କ, ଶିକ୍ଷାମଣ୍ଡଳୀ ମିଳିତ ଭାବରେ ଚିକିନିପାଲି ଫାର୍ମରେ ଅବସ୍ଥିତ ଡ.ମୁଣ୍ଡଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଅଧ୍ୟକ୍ଷା ମଧୁସ୍ମିତା ମୁଣ୍ଡଙ୍କ ସହିତ ଉପାଧ୍ୟକ୍ଷ ସୁଶୀଳ ରଥ, ପ୍ରଶାସନିକ ଅଧିକାରୀ ମିନତି ପ୍ରଧାନ, ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଡା.ମୁଣ୍ଡଙ୍କ ତୈଳଚିତ୍ର ନିକଟରେ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ପଦ୍ମଲୋଚନ ଦାଶଙ୍କ ନିର୍ଦ୍ଦେଶନାରେ ଛାତ୍ରୀଗଣ ସଙ୍ଗୀତ ପରିବେଷଣ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ମଧୁସ୍ମିତା ମୁଣ୍ଡ ସମାବେଶ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସହକାରୀ ଶିକ୍ଷକ ଅମୀୟ ଶତପଥୀ, ପ୍ରକାଶ ମହାନନ୍ଦ ତଥା ଅନ୍ୟ ସହକର୍ମୀମାନେ ଡା. ମୁଣ୍ଡଙ୍କ ସ୍ମୃତିଚାରଣ କରିଥିଲେ। ଦେବେନ୍ଦ୍ର ମହାପାତ୍ରଙ୍କ ସଂଯୋଜନାରେ ଶ୍ରାଦ୍ଧସଭା ପରିଚାଳିତ ହୋଇଥିଲା। ପରେ ସହକାରୀ ଶିକ୍ଷକ ଆଦିତ୍ୟ ପ୍ରସାଦ କରଙ୍କ ପରିଚାଳନାରେ ପ୍ରବଚକ ଅମୂଲ୍ୟ ସ୍ୱାଇଁ ଶ୍ରୀମଦ୍ ଭଗବତ ଗୀତା ପାଠ ସହ ଆଲୋଚନା କରିଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।




## ସାପଲହର ପ୍ରକଳ୍ପ ପୁନରୁଦ୍ଧାର କାମର ଶୁଭାରମ୍ଭ

**ପଦ୍ମପୁର, ୧୮।୨ (ସମିସ):** ପଦ୍ମପୁର ଉପଖଣ୍ଡ ସାପଲହରଠାରେ ଥିବା କ୍ଷୁଦ୍ର ଜଳସେଚନ ଯୋଜନାର ପୁନରୁଦ୍ଧାର କାମର ଶୁଭାରମ୍ଭ କରାଯାଇଛି। ପଙ୍କୋଦ୍ଧାର ସହ ମୁଖ୍ୟ କେନାଲ ଗେଟ୍‌ର ମରାମତି କରାଯିବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ପଦ୍ମପୁର ଜଗନ୍ନାଥ ପାଣିପଞ୍ଚାୟତର ସଭାପତି ପ୍ରଦୀପ ସାହୁ, ସମ୍ପାଦକ ଅରୁଣ ସାହୁ, ବାପୁଜୀ ପାଣିପଞ୍ଚାୟତ ଭେଡଁରିଆର ସଭାପତି ସଞ୍ଜୀବ ଦାଶ, ସମ୍ପାଦକ ଶାନ୍ତନୁ ସାହୁ, ନେହେରୁ ପାଣିପଞ୍ଚାୟତ ବୁଧାପାଲିର ସଭାପତି ସୁଧାଂଶୁ ପଟେଲ, ସମ୍ପାଦକ ପ୍ରଶାନ୍ତ ବାଗ, ତାରିଣୀ ପାଣିପଞ୍ଚାୟତ ପୁରେନାର କାର୍ଯ୍ୟକର୍ତ୍ତାଙ୍କ ତତ୍ତ୍ୱାବଧାନ ଓ ଏମଆଇ କନିଷ୍ଠ ଯନ୍ତ୍ରୀ ମନୋଜ ଗିରିଙ୍କ ଉପସ୍ଥିତିରେ କାମର ଶୁଭାରମ୍ଭ କରାଯାଇଛି। ଉକ୍ତ କାମ ପାଇଁ ପ୍ରାୟ ଛଅ କୋଟି ଟଙ୍କାର ବ୍ୟୟ ଅଟକଳରେ ଚାଲିଥିବା ସୂଚନା ରହିଛି।



## ପରଲୋକରେ କଣ୍ଟ୍ରୋଲ ମେହେର

**ଭେଡେନ, ୧୮।୨(ସମିସ):** ଭେଡେନ ବ୍ଲକ ଅନ୍ତର୍ଗତ ଜାମଡୋଲ ଗ୍ରାମର ବରିଷ୍ଠ ନାଗରିକ ତଥା ବିଜେଡିର ସକ୍ରିୟ ସଦସ୍ୟ କଣ୍ଟ୍ରୋଲ ମେହେର (୯୦)ଙ୍କ ପରଲୋକ ହୋଇଯାଇଛି। ସେ ଜଣେ ପରୋପକାରୀ, ମେଳାପୀ ଧର୍ମପରାୟଣ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବର ପାଇ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଜାମଡୋଲସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ବଡ଼ପୁଅ ଉପେନ୍ଦ୍ର ମେହେର ମୁଖାଗ୍ନି ଦେଇଥିଲେ।



## 'କଳାଭୂମି'ର ୨୬ତମ ବାର୍ଷିକ ଉତ୍ସବ

**ବରପାଲି,୧୮ ।୨ (ସମିସ):** ବରପାଲିର କଳା ଓ ସଂସ୍କୃତିର ଧରୋହର ଅନୁଷ୍ଠାନ କଳାଭୂମିର ୨୬ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଚିତ୍ରକଳା ପ୍ରଦର୍ଶନୀ କଳାଭୂମି ପରିସରରେ ପଦର୍ଶିତ ହୋଇଥିଲା। ଅନୁଷ୍ଠାନ ଅଧ୍ୟକ୍ଷ ଧ୍ରୁବ ବେହେରାଙ୍କ ସଭାପତିତ୍ୱରେ ପରିଚାଳିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କିଶୋର ଗଡତିୟା, ବରିଷ୍ଠବାଦ୍ଧଶିଳ୍ପୀ ଡ଼.ସୁରେନ୍ଦ୍ର ମେହେର ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ଅଧ୍ୟାପକ ରମାକାନ୍ତ ତ୍ରିପାଠୀ ପ୍ରାରମ୍ଭିକ ସୂଚନା ପ୍ରଦାନ ସହ ସଭା ସଂଯୋଜନା କରିଥିଲେ। ଅନୁଷ୍ଠାନର ଅନ୍ୟତମ ପ୍ରତିଷ୍ଠାତା ସରୋଜ ରାଉତ ଚିତ୍ରକଳାର ଉପାଦାନ ଓ ଶିଳ୍ପୀର ପାରଦର୍ଶିତା ଉପରେ ଆଲୋଚନା କରିଥିଲେ। କୃତୀ କଳାକାରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପ୍ରତିଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀ ଚନ୍ଦ୍ରିକା ନାଗ ଓ ପ୍ରାଜ୍ଞ୍ୟାଶ୍ରୀ ବାଗଙ୍କ ସହାୟତାରେ ପରିଚାଳିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅନୁଷ୍ଠାନ ସଭାପତି କୈଳାସ ମେହେର, ଶିକ୍ଷକ ବିନୋଦ ବେହେରା, ଉମାକାନ୍ତ ମେହେର କେଶବ କୁଅାଁର ଓ ଡମ୍ବୁରୁଧର ସହଯୋଗ କରିଥିଲେ।



### ବରଗଡ଼ ଜିଲ୍ଲା ଆନ୍ତଃସ୍କୁଲ୍ କ୍ରିକେଟ

## କ୍ରିଷ୍ଟା ବିକାଶ ଫାଇନାଲରେ

**ବରଗଡ଼, ୧୮।୨(ସମିସ):** ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଓ ବରଗଡ଼ ଜିଲ୍ଲା କ୍ରିକେଟ ଆସୋସିଏସନର ଆୟୋଜନରେ କ୍ରିଷ୍ଟା ବିକାଶ କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ବରଗଡ଼ ଜିଲ୍ଲା ଆନ୍ତଃ ସ୍କୁଲ୍ କ୍ରିକେଟ ପ୍ରତିଯୋଗିତାର ଫାଇନାଲରେ କ୍ରିଷ୍ଟା ବିକାଶ ସ୍କୁଲ ପ୍ରବେଶ କରିଛି। ରବିବାର ଦ୍ୱିତୀୟ ସେମିଫାଇନାଲ ବରଗଡ଼ କ୍ରିଷ୍ଟା ବିକାଶ ସ୍କୁଲ ଏବଂ ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ କ୍ରିଷ୍ଟା ବିକାଶ ସ୍କୁଲ ବିଜୟ ହୋଇ ଫାଇନାଲରେ ପ୍ରବେଶ କରିଥିଲା। ଏହି ମ୍ୟାଚରେ କ୍ରିଷ୍ଟା ବିକାଶ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତି ନେଇଥିଲା। କ୍ରିଷ୍ଟା ବିକାଶ ସ୍କୁଲ ପକ୍ଷରୁ ଅଭିଷେକ ସାହୁ ୧୦ ଚଉକାର ସହାୟତାରେ ୧୦୦ ରନ କରି ଅପରାଜିତ ରହିଥିବା ବେଳେ ଦଳ ନିର୍ଦ୍ଧାରିତ ୪୦ ଓଭରରେ ୮ ଉଇକେଟରେ ୧୯୯ ରନ ସଂଗ୍ରହ କରିଥିଲା। ସଂସ୍କାର ସ୍କୁଲ ପକ୍ଷରୁ ସୌରଭ ସୁନା ୪୭/୩ ୱିକେଟ, ଲିପନ ସାହୁ ୨୦/୨ ୱିକେଟ, ଜୟ କିଶନ ବେହେରା ୩୮/୧ ୱିକେଟ ଓ ନିତ ପାତ୍ରେ ୧୮/୧ ୱିକେଟ ନେଇଥିଲେ। ୨୦୦ ରନ ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ ଆରମ୍ଭ କରିଥିବା ସଂସ୍କାର ସ୍କୁଲ ଦଳ କ୍ରିଷ୍ଟା ବିକାଶର ବୋଲରଙ୍କୁ ସାମ୍ନା କରି ନ ପାରି ନିୟମିତ ଉଇକେଟ ପତନ ହୋଇଥିଲା। ଦଳ ୧୪.୪ ଓଭରରେ ମାତ୍ର ୩୨ ରନ କରି ଅଲ୍ ଆଉଟ୍ ହୋଇଯାଇଥିଲା। ସଂସ୍କାର ସ୍କୁଲ ପକ୍ଷରୁ ଇକ୍ଷିତ ଅଗ୍ରୱାଲ ସର୍ବାଧିକ ୧୩ ରନ କରିଥିବା ବେଳେ, କ୍ରିଷ୍ଟା ବିକାଶ ସ୍କୁଲ ପକ୍ଷରୁ ରାଗ ଗୁପ୍ତା ୨ ରନ ଦେଇ ସର୍ବାଧିକ ୬ ୱିକେଟ ନେଇଥିଲେ। କୁଲଦୀପ ପଟେଲ ୯/୨ ୱିକେଟ, ବିନୟ ଶର୍ମା ୯/୧ ୱିକେଟ, ଗୌରବ ମେହେର ୧୨/୧ ୱିକେଟ ନେଇଥିଲେ। ଫଳରେ ମ୍ୟାଚ୍‌କୁ ୧୬୭ ରନରେ ଜିତି କ୍ରିଷ୍ଟା ବିକାଶ ଦଳ ଫାଇନାଲରେ ପ୍ରବେଶ କରିଥିଲା। ଏହି ମ୍ୟାଚ୍‌କୁ ପ୍ରୟାସ ବଗାର ଓ ସୁଜିତ୍ ଥଇତ ପରିଚାଳନା କରିଥିବା ବେଳେ ସ୍କୋରର ଥିଲେ ରଜତ ଦାଶ। ପ୍ରକାଶ ଥାଉକି ଏହା ପୂର୍ବରୁ ବରପାଲି ଲିଟିଲ୍ ଏଞ୍ଜେଲ ପବ୍ଲିକ ସ୍କୁଲ ପ୍ରଥମ ଦଳ ଭାବରେ ଫାଇନାଲରେ ପ୍ରବେଶ କରିସାରିଛି।

### ସର୍ବଭାରତୀୟ ପ୍ରଥମ ବିଜୟ ରଞ୍ଜନ ସିଂ ବରିହା ସ୍ମାରକୀ ଫୁଟବଲ

# ସମ୍ବଲପୁରକୁ ହରାଇ ରାଉରକେଲା ଚାମ୍ପିଅନ

**ପାଇକମାଲ,୧୮।୨ (ସମିସ)**

ପାଇକମାଲ ବ୍ଲକ ଏମଇ ସ୍କୁଲ ପଡିଆରେ ରବିବାର ପଦ୍ମପୁର ପୂର୍ବତନ ବିଧାୟକ ବିଜୟ ରଞ୍ଜନ ସିଂ ବରିହାଙ୍କ ସ୍ମୃତିରେ ଚାଲିଥିବା ସର୍ବଭାରତୀୟ ପ୍ରଥମ ବିଜୟ ରଞ୍ଜନ ସିଂ ବରିହା ସ୍ମାରକୀ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସମ୍ବଲପୁରକୁ ହରାଇ ରାଉରକେଲା ଚାମ୍ପିଅନ ହୋଇଛି। ପାଇକମାଲ ବ୍ଲକ ବିଜୁ ଯୁବ ଜନତା ଦଳର ସଭାପତି ସଭାପତି ଗୌତମ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନୂଆପଡା ବିଧାୟକ ତଥା ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ସମ୍ମାନିତ ଅତିଥି ଭାବେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ପୂର୍ବତନ ସାଂସଦ ଡ. ପ୍ରଭାସ ସିଂ, ବିଜେଡି ଯୁବ ଜିଲ୍ଲା ସଭାପତି ପଦ୍ମନ ତ୍ରିପାଠୀ, ସ୍ମୃତି ବଲିଆର ସିଂ, ହୃଦାନନ୍ଦ ବାରିକ, ରାଜେନ୍ଦ୍ର ରାଉତ, ପାଇକମାଲ ବ୍ଲକ ଯୁବ ସଭାପତି ଗୌତମ ସିଂ ଯୋଗ ଦେଇଥିଲେ। ତିନି ଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟ ତଥା ରାଜ୍ୟ ବାହାରୁ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ରାଉଲକେଲା ଦଳ ୩-୧ରେ ବିଜୟୀ ହୋଇଥିଲେ। ଅତିଥିଙ୍କ ଦ୍ୱାରା ବିଜୟୀ ରାଉଲକେଲା ଦଳକୁ ଟ୍ରଫି ନଗଦ ୫୫ ହଜାର୫୫୫ ଟଙ୍କା ଓ ଉପବିଜୟୀ ସମ୍ବଲପୁର ଦଳକୁ ଟ୍ରଫି ସହ ନଗଦ ୩୩ହଜାର ୩୩୩ ଟଙ୍କା ପ୍ରଦାନ କରାଯାଇଛି। ମ୍ୟାନ ଅଫ ଦି ମ୍ୟାଚ ପ୍ରଭାତ ସିଂ ଓ ମ୍ୟାନ ଅଫ ଦି ସିରିଜ ସ୍ମୃତି ଶର୍ମା ଅତିଥିଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ । ଅଜୁ ସେଠ, ସଞ୍ଜୟ ଭୋଇ, ସୁବାସ ଶଗଡ଼ିଆ, ଭୈରବ ସେଠ, ଲାଲା ସାହୁ, ସୁକାନ୍ତ ସଥୁଆ, ଶରତ ଦାସ, ଭୋଜରାଜ ଭୋଇ, ମନୋଜ ପ୍ରଧାନ, ଲକି ପଣ୍ଡା ସହଯୋଗ କରିଥିବା ବେଳେ ରେଫରି ଭାବେ ସୁବ୍ରତ ପୁରୋହିତ, ନିଲ ନାଏକ, ଅଶ୍ୱିନୀ ବେରିଆ, ସୁଧାଂଶୁ ସେଠ, ରାଜକୁମାର ମଣ୍ଡଳ, ପ୍ରଶାନ୍ତ ବେହେରା ଦାୟିତ୍ୱ ତୁଲାଇଥିଲେ। ଧାରାବିବରଣୀ ଅଜିତ ନାଏକ ଓ ମିଳନ ସେଠ କରିଥିବା ବେଳେ ସ୍କୋରର ଦାୟିତ୍ୱ ଡିଲୁ ପ୍ରଧାନ ତୁଲାଇଥିଲେ।





ସକାଳ THE SAKALA



# ବରଗଡ଼ ଜୀରା ନଦୀକୂଳରେ ନିର୍ମାଣ ହେବ ରିଂ ରୋଡ୍

**ବରଗଡ଼, ୧୮।୨(ସମିସ)**

ବରଗଡ଼ ଜୀରା ନଦୀ କୂଳେ କୂଳେ ରିଙ୍ଗରୋଡ ତିଆରି ହେବ। ପ୍ରଥମ ପର୍ଯ୍ୟାୟରେ ବରଗଡ଼ ସାଇ ମନ୍ଦିରଠାରୁ ରୋହଣିଆଁ- ଧାଙ୍ଗେର ପର୍ଯ୍ୟନ୍ତ ଏହି ରିଙ୍ଗ ରୋଡ ତିଆରି ହେବାକୁ ଥିବା ବେଳେ ଆସନ୍ତା ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବରଗଡ଼ ଜିଲ୍ଲା ଗସ୍ତ

**ଫେବୃୟାରୀ ୨୦ରେ ଶୁଭଦେବେ ମୁଖ୍ୟମନ୍ତ୍ରୀ**

ଅବସରରେ ଏହାର ଭିତ୍ତିପ୍ରସ୍ତର କରିବାର କାର୍ଯ୍ୟକ୍ରମ ରହିଥିବା ନେଇ ସୂଚନା ମିଳିଛି।

ବରଗଡ଼ ସହର ଦେଇ ବୋହି ଯାଉଥିବା ଜୀରା ନଦୀ କୂଳରେ ଏକ ରିଙ୍ଗ ରୋଡ ନିର୍ମାଣ ହେବ। ଏନେଇ ପ୍ରାରମ୍ଭିକ ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ବରଗଡ଼ ସାଇ ମନ୍ଦିରରୁ ଧାଙ୍ଗେର ପର୍ଯ୍ୟନ୍ତ ଏହା ନିର୍ମାଣ ହେବ। ଏହାଦ୍ୱାରା ସହର ମଧ୍ୟରେ ଟ୍ରାଫିକ ସମସ୍ୟା ଦୂର ହେବା ସହ ଜନସାଧାରଣ ସୁରୁଖୁରରେ ନଦୀ ତଟବର୍ତ୍ତୀ ଗ୍ରାମାଞ୍ଚଳକୁ ଯାତାୟତ କରିପାରିବେ। ବରଗଡ଼



ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ଏହି ରିଙ୍ଗ ରୋଡ ନିର୍ମାଣ ପାଇଁ ବାରମ୍ବାର ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିଲେ। ରିଂଗ ରୋଡ ନିର୍ମାଣ ସହ ସହରବାସୀଙ୍କ ଦୀର୍ଘ ଦିନର ଦାବି ପୂରଣ ହେବାକୁ ଥିବା ବେଳେ ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ଏଥିପାଇଁ ୩୯ କୋଟି ଟଙ୍କା ଅନୁଦାନ ରାଶି ମଞ୍ଜୁର ହୋଇଥିବା ଜଣାପଡିଛି। ଆଗାମୀ ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବରଗଡ଼ ଜିଲ୍ଲା ଗସ୍ତ ଅବସରରେ ଏହି ରିଙ୍ଗ ରୋଡ ନିର୍ମାଣ କାର୍ଯ୍ୟର ଭିତ୍ତିପ୍ରସ୍ତର କରିବେ ବୋଲି ସୂଚନା ମିଳିଛି ଏହି ରିଙ୍ଗ୍ ରୋଡ଼ ନର୍ମାଣ ପରେ ବରଗଡ଼ ସହରର ବିକାଶରେ ଆଉ ଏକ ଫର୍ଦ୍ଦ ଯୋଡ଼ି ହେବ ବୋଲି ବିଧାୟକ ଆଚାର୍ଯ୍ୟ ମତବ୍ୟକ୍ତ କରିଛନ୍ତି।

ଏହି ରିଙ୍ଗ ରୋଡ଼ଟି ବରଗଡ଼ ସହର ଦେଇ ଯାଇଥିବା ଜୀରାନଦୀର କୂଳକୁ ସୁରକ୍ଷିତ ରଖିବା ସହ ଲୋକଙ୍କୁ ବନ୍ୟା ଦାଉରୁ ରକ୍ଷା କରିବ। ସେହିଭଳି ରାସ୍ତାଟି ବରଗଡ଼-ସରସରା-ରୋହିଣିଆଁ-ଧାଙ୍ଗେର ମଧ୍ୟରେ ବିକାଶର ଏକ ବିକଳ୍ପ ରାସ୍ତା ଫିଟାଇବା ସହ ନଦୀବକ୍ଷରେ ଠୁଳ ହେବାକୁ ଥିବା ଜଳରାଶିରୁ ଉପରୋକ୍ତ ଅଂଚଳର ସହସ୍ରାଧିକ ଏକର ଜମିକୁ ସେଚନ ଯୋଗାଇବାର ସମ୍ଭାବନା ଥିବାରୁ ପ୍ରସ୍ତାବିତ ରିଙ୍ଗ ରୋଡକୁ ଅଂଚଳବାସୀ ସ୍ୱାଗତ କରିଛନ୍ତି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ଉଦ୍ୟମକ୍ରମେ ଗତବର୍ଷ ଏହାର ପ୍ରଶାସନିକ ମଞ୍ଜୁରୀ ମିଳିଥିଲା ଏବଂ ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ଏହାର ଶୁଭ ଦେବାକୁ ଯାଉଥିବାରୁ ଅଞ୍ଚଳବାସୀ ଏହାକୁ ବେଶ୍ ସ୍ୱାଗତ କରିଛନ୍ତି।

# କୁମୀରରେ 'ଆମ ଓଡ଼ିଶା ନବୀନ ଓଡିଶା' କାର୍ଯ୍ୟକ୍ରମ

**ଝାରବନ୍ଧ, ୧୮ ।୨(ସମିସ):** ଝାରବନ୍ଧ ବ୍ଲକ କୁମୀର ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଗ୍ରାମ ପଞ୍ଚାୟତର ବିକାଶମୂଳକ ପତ୍ରିକା ବଣ୍ଟନ କରାଯାଇଥିଲା। ସରପଞ୍ଚ ଯମୁନା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ ବେହେରା, ସମ୍ମାନିତ ଅତିଥି ଏବିଡିଓ ଭିଷ୍ମଦେବ ମାଝୀ, ସମିତିସଭ୍ୟ କ୍ଷୀରସାଗର ସାହୁ, ନାଏକ ସରପଞ୍ଚ ଭିକାରୀ ଚରଣ ସାହୁ ପ୍ରମୁଖ ଯୋଗଦାନ କରିଥିଲେ । କାର୍ଯ୍ୟନିର୍ବାହୀ ଅଧିକାରୀ ଉପେନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଜିଆରଏସ ବୁଦ୍ଧଦେବ ବାରିକ, ଯୋଗାଣ ସହାୟକ ଜସପାଲ ସାହୁ ସହଯୋଗ କରିଥିଲେ। କୁମୀର ଗ୍ରାମପଞ୍ଚାୟତର ସ୍ୱାସ୍ଥ୍ୟ କର୍ମୀ,ଏମବିକେ, ସିଆରପି, ଅଙ୍ଗନବାଡ଼ି କର୍ମୀ, ୱାର୍ଡସଭ୍ୟ, ଏସଏଚଜି ଗ୍ରୁପ ସମସ୍ତ ମହିଳା ସଭ୍ୟା ଉପସ୍ଥିତ ଥିଲେ। ସଞ୍ଚାର କଳାକାର ଚକ୍ରପାଣି ସେଟ ଏବଂ ସାଥୀ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସରକାରଙ୍କ ଯୋଜନାକୁ ବୁଝାଇଥିଲେ।



# କଜଲିବିଜଲି ପାହାଡ଼ଠାରେ ବୁଦ୍ଧବିହାର ପ୍ରବେଶଦ୍ୱାର ଉଦ୍‌ଘାଟିତ

**ବରଗଡ଼, ୧୮।୨(ସମିସ):** ବରଗଡ଼ ସଦର ବ୍ଲକ ବଗେଇବିରାସ୍ଥିତ କଜଳିବିଜଳି ପାହାଡ ପାଦଦେଶରେ ନାଗାର୍ଜୁନ ବୁଦ୍ଧବିହାର ତୋରଣ ଉଦଘାଟିତ ହୋଇଯାଇଛି। ନାଗାର୍ଜୁନ ବୁଦ୍ଧବିହାର କମିଟିର ସଭାପତି ପୁରନ୍ଦର ଭୋସାଗରଙ୍କର ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଏହି ପ୍ରବେଶ ଦ୍ୱାରର ଲୋକାର୍ପଣ କରିଥିବା ବେଳେ ସମ୍ମାନିତଅତିଥି ଭାବେ ସରପଞ୍ଚ ପ୍ରଫୁଲ୍ଲ ନାଏକ ଗୌତମ ବୁଦ୍ଧ ଶାନ୍ତି ମୈତ୍ରୀ ଓ ପ୍ରୀତିର ପ୍ରତୀକ ଥିଲେ ବୋଲି ଉଲ୍ଲେଖ କରିଥିଲେ। ଏହି କାର୍ଯ୍ୟକ୍ରମରେ ନାଗାର୍ଜୁନ ବୁଦ୍ଧବିହାର କମିଟିର ସମ୍ପାଦକ ଅବିନାଶ ବାଗ, ଯୁଧିଷ୍ଠିର ବିଭାର, ବାଳମୁକୁନ୍ଦ ଜଗଦଲା, କମଲ ତାଣ୍ଡି, ସୁରେନ୍ଦ୍ର ତାଣ୍ଡି, ସଚ୍ଚିଦାନନ୍ଦ ପଣ୍ଡା, ବାବଲୁ ପ୍ରଧାନ, ଅଶୋକ ଛତର, ଆଶିଷ ସୁନା, ଭାବେନ୍ଦ୍ର ବିଭାର, ଦୁର୍ବାଦଳ କୁଅଁର, ହରେକୃଷ୍ଣ କର, ନିଗମାନନ୍ଦ ବିଭାର, ତପନ ଦରଦମେଘ, ବସନ୍ତ କୁମ୍ଭାର, ଆଶୁତୋଷ ଛତର, ବିକାଶ ବାଗ, ଜଗଦୀଶ ଲୁହା, ଅଭୟ ସାମଲ, ଅନ୍ତର୍ଯ୍ୟାମୀ ଗଡ଼ତିଆ, ଦିଲ୍ଲୀପ ନାଗ, ବିମଳ ନାଗ, ବୈକୁଣ୍ଠ ଜାଲ, ଅଚ୍ୟୁତ ସର, ଯକ୍ତବନ୍ଦନ ଦେହେଲିଆ, ପ୍ରଦ୍ୟୁମ୍ନ ଶିକା, ଶିବ ସୁନା, ମନୋଜ କଲେତ, ପରେଶ ଚନ୍ଦ୍ର ବେହେରା, ଫକୀର, ବିକ୍ରମ ବାଗ, ବିକ୍ରମ ଛତର, ବାବଲୁ ବିଭାର, ଉଦ୍ଧବ ମହାନନ୍ଦ, ଗୁରୁଚରଣ ହରିପାଲ ଏବଂ କମିଟିର ସମସ୍ତ ସଦସ୍ୟ ତଥା ବଗେଇବିରା ଗ୍ରାମବାସୀ ଯୋଗ ଦେଇଥିଲେ। ସମ୍ପାଦକ ଅବିନାଶ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।



# ଖଜୁରଟିକ୍ରାରେ ଗୋପେଶ୍ୱର ଶିବମନ୍ଦିର ଓ ଖଜୁରକଟିଏଁନ କମ୍ୟୁନିଟି ସେଣ୍ଟର୍ ଶିଳାନ୍ୟାସ

**ବରଗଡ଼, ୧୮।୨(ସମିସ):** ବରଗଡ଼ ସହରର ଖଜୁରଟିକ୍ରାଠାରେ ଗୋପେଶ୍ୱର ଶିବ ମନ୍ଦିର ଓ ମାଁ ଖଜୁରକଟିଏଁନ କମ୍ୟୁନିଟି ସେଣ୍ଟର ନିର୍ମାଣ ପାଇଁ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶିଳାନ୍ୟାସ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ, ସ୍ଥାନୀୟ କାଉନସିଲର ରୀନା ମହାପାତ୍ରଙ୍କ ସମେତ ପଡ଼ାବାସୀ ଉପସ୍ଥିତ ଥିଲେ। ପଡ଼ାବାସୀଙ୍କ ଦାବି ଅନୁସାରେ ବିଧାୟକ ଆଚାର୍ଯ୍ୟ ପ୍ରଥମ ପର୍ଯ୍ୟାୟରେ ୧୦ ଲକ୍ଷ ଟଙ୍କାର ଅନୁଦାନ ଉଭୟ ପ୍ରକଳ୍ପ ପାଇଁ ମଞ୍ଜୁର କରାଇଛନ୍ତି।



# କୁଚିଣ୍ଡାରେ ଦିନକୁଦିନ ଜଟିଳ ହେଉଛି ଟ୍ରାଫିକ ସମସ୍ୟା

**କୁଚିଣ୍ଡା, ୧୮ ।୨(ସମିସ):** କୁଚିଣ୍ଡା ସହରରେ ଦିନକୁଦିନ ଦୋକାନ ବଜାର, ଯାନ ବାହାନ ଜନ ସଂଖ୍ୟା ଦ୍ରୁତ ଗତି ବଢ଼ିବାରେ ଲାଗିଥିବାରୁ ଟ୍ରାଫିକ୍ ସମସ୍ୟା ମଧ୍ୟ ବଢ଼ିବାରେ ଲଗିଲାଣି। ଉପଜିଲ୍ଲାପାଳଙ୍କ ସରକାରୀ ବାସଭବନ ଛକଠାରୁ ଘୋଷା ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱର ଦୋକାନବଜାର ରାସ୍ତା ଉପରକୁ ଆସିଥିବା ବେଳେ ଦୋକାନ ଆଗରେ ଯାନବାହନ ରଖିବା ଦ୍ୱାରା ରାସ୍ତାଟି ଅତି ସଙ୍କୁଚିତ ହୋଇଛି। ଗୋଟିଏ ଗାଡ଼ି ରାସ୍ତା ଅତିକ୍ରମ କରିବାର ଘୋର ଅସୁବିଧା ଦେଖିବାକୁ ମିଳୁଛି। ଏହା ଦିନକର କଥା ନୁହେଁ ଏହି ରାସ୍ତାରେ ବାରମ୍ବାର ଏପରି ପରିସ୍ଥିତି ଦେଖିବାକୁ ମିଳିଥାଏ। ଏଣୁ ସାଧାରଣ ଯାତ୍ରୀ, ସାଇକେଲ ଆରୋହୀ, ପଥଚାରୀଙ୍କୁ ଏପରି ସ୍ଥଳେ ଘୋର ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଏହି ରାସ୍ତା ସହ କୁଚିଣ୍ଡା ଶୌଚାଳୟ ଠାରୁ ପୁରୁଣା ପାଣି ଯିବା ରାସ୍ତା ପଛପଟ ରାସ୍ତାର ମନ୍ଦିର ପାଖ ରାସ୍ତା ସର୍ବଦା ଗହଳି ହେବା ଦ୍ୱାରା ଯାନବାହାନ ଯାତାୟାତରେ ବାଧା ସୃଷ୍ଟି ହୋଇଥାଏ। ରାସ୍ତା କଡ଼ରେ ରଖାଯାଇଥିବା ଯାନବାହନ ରାସ୍ତା ଉପରେ ନରଖିବା ପାଇଁ ଓ ଭିଡ଼କୁ ଏଡ଼ାଇବା ପାଇଁ କୁଚିଣ୍ଡା ପୁଲିସ ପକ୍ଷରୁ ପୁଲିସ ନିୟୋଜିତ କରାଯାଇଥଲେ ବି ସେମାନଙ୍କର କଥାକୁ ଭ୍ରୂକ୍ଷେପ ନକରି ପୁଣି ରାସ୍ତା ଉପରେ ଗାଡ଼ି ରଖିବା ଦ୍ୱାରା ଭିଡ଼ ଦ୍ୱିଗୁଣିତ ହେଉଛି। ଏଣୁ ପୁଲିସ ପ୍ରଶାସନ ଏବଂ ଏନ୍ଏସିର ମିଳିତ ଉଦ୍ୟମରେ ଏହାର ପ୍ରତିକାର କରି ରାସ୍ତାକୁ ଖାଲି ରଖାଗଲେ ଛୋଟବଡ଼ ଦୁର୍ଘଟଣାରୁ ମୁକ୍ତି ମିଳିବା ସହ ଟ୍ରାଫିକ ସମସ୍ୟାରୁ ନିସ୍ତାର ମିଳନ୍ତା ବୋଲି ଜନସାଧାରଣରେ ଚର୍ଚ୍ଚା ହେଉଛି।



# ଶିବରାତ୍ରି ପାଇଁ ଦେଗାଁ ଦେବେଶ୍ୱର ମନ୍ଦିରରେ ପ୍ରସ୍ତୁତି ବୈଠକ



**ଜମନକିରା, ୧୮।୨(ସମିସ):** ଜମନକିରା ବ୍ଲକ ଫାଶୀମାଲ ପଞ୍ଚାୟତ ଦେଗାଁ ଦେବେଶ୍ୱର ମନ୍ଦିର ପ୍ରାଙ୍ଗଣରେ ମନ୍ଦିର କମିଟି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମନ୍ଦିର କମିଟି ସଭାପତି ସଞ୍ଜୀବ କୁମାର ନାୟକ ସଭାପତିତ୍ୱ କରିଥିଲେ। ଆସନ୍ତା ୮ ତାରିଖରେ ମହାଶିବରାତ୍ରିରେ ମନ୍ଦିରରେ ଭକ୍ତଙ୍କ ସମାଗମରେ ଭକ୍ତଙ୍କୁ ଯେପରି କୌଣସି ଅସୁବିଧା ନ ହେଉ ସେଥିପାଇଁ ବିଶେଷ ଭାବରେ ଧ୍ୟାନ ଦେବାକୁ ବୈଠକରେ ଆଲୋଚନା କରିଥିଲେ। ସେହିପରି ରାଜ୍ୟ ସରକାରଙ୍କ ପାଣ୍ଠିରୁ ମନ୍ଦିର ଉନ୍ନୟନ ପାଇଁ ପ୍ରଦାନ କରିଥିବା ଅନୁଦାନରେ କାର୍ଯ୍ୟ ଗୁଡ଼ିକ କିଭଳି କରାଯିବ ସେଥିପାଇଁ ମନ୍ଦିର କମିଟି ଏହି ବୈଠକରେ ଆଲୋଚନା କରିଥିଲେ। ରାଜ୍ୟ ସରକାର ପାଣ୍ଠିରୁ ମନ୍ଦିରରେ ଏକ ନୂତନ ମଣ୍ଡପ ନିର୍ମାଣ କାର୍ଯ୍ୟ ମଧ୍ୟ ଯଥାଶୀଘ୍ର ଆରମ୍ଭ କରିବାକୁ ବୈଠକରେ ଆଲୋଚନା କରିଥିଲେ। ବୈଠକରେ କମିଟି ପକ୍ଷରୁ ମନ୍ଦିର ଉନ୍ନୟନ ପାଇଁ ପ୍ରଦାନ କରିଥିବା ଅନୁଦାନ ପାଇଁ କମିଟି ପକ୍ଷରୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା। ଶେଷରେ ଭୁଲେଶ୍ୱର ମୁଣ୍ଡା ଧନ୍ୟବାଦ ଜଣାଇଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆଶୀର୍ବାଦ ସମାରୋହ

**ରେଙ୍ଗାଲି, ୧୮।୨(ସମିସ):** ରେଙ୍ଗାଲି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଆଜି ଅଷ୍ଟମ ଓ ନବମ ଶ୍ରେଣୀ ଭାଇଭଉଣୀ ମାନଙ୍କ ଦ୍ୱାରା ଆଶୀର୍ବାଦ ସମାରୋହ ପାଳିତ ହୋଇଯାଇଛି। ମ୍ୟାଟ୍ରିକ ବୋର୍ଡ଼ ପରୀକ୍ଷା ପୂର୍ବରୁ ଆଜି ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଦଶମ ଶ୍ରେଣୀ ଭାଇଭଉଣୀ ମାନଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଭାଇ ଭଉଣୀ ମାନଙ୍କ ଉତ୍ତରୋତ୍ତର କାମନା ପାଇଁ ବିଦ୍ୟାଳୟରେ ଏକ ସତ୍ୟନାରାୟଣ ପୂଜା ଓ ହୋମ ଯଜ୍ଞ କରାଯାଇଥିଲା। ବିଦ୍ୟାଳୟର ସଭାପତି ରାଜୀବ କୁମାର ମିଶ୍ର, ସମ୍ପାଦକ ସରୋଜ ବିଶୋଇ, ବରିଷ୍ଠ ଗୁରୁଜୀ ଜଗଦୀଶ ପୂଜାରୀ, ମମତା ଗୁରୁମା, ସ୍ୱପ୍ନକ୍ଷଳିନ ଗୁରୁମା, ଦୁଷ୍ମନ୍ତ ଗୁରୁଜୀ ମଞ୍ଚାସୀନ ହୋଇଥିଲେ। ବିଦ୍ୟାଳୟର ବେଦବ୍ୟାସ ଗୁରୁଜୀ ସଭା ପରିଚାଳନା କରିଥିଲେ। ଦଶମ ଶ୍ରେଣୀର ଭାଇଭଉଣୀ ବିଦ୍ୟାଳୟରେ ବିତାଇଥିବା ଅନୁଭୂତି ଓ ଗୁରୁଜୀ ଗୁରୁମା ଦେଇଥିବା ସ୍ନେହ ଆଦରକୁ ମନେ ପକାଇ ଭାବ ବିହ୍ୱଳ ହୋଇଥିଲେ। ଗୁରୁଜୀ ଗୁରୁମା ମାନେ ଶାନ୍ତ୍ୱନା ଦେବା ସହ ଆଗାମୀ ବୋର୍ଡ଼ ପରୀକ୍ଷାରେ ଉତ୍ତମ ଫଳ ପାଇଁ ଶୁଭ ମନାସିଥିଲେ। ଏହି କାର୍ଯ୍ୟକ୍ରମରେ ସଞ୍ଜୁ ଗୁରୁମା, ରଶ୍ମିତା ଗୁରୁମା, ରଜତ ଗୁରୁଜୀ, ଜ୍ୟୋସ୍ନା ଗୁରୁମା, ଜୁଲି ଗୁରୁମା, ଅଜିତ୍ ଗୁରୁଜୀ ସହଯୋଗ କରିଥିଲେ। ଶେଷରେ ଭଗବାନ୍ ଗୁରୁଜୀ ଧନ୍ୟବାଦ୍ ଅର୍ପଣ କରିଥିଲେ।



# ରାମାୟଣ ପାରାୟଣ ସୁନ୍ଦରକାଣ୍ଡ ପ୍ରବଚନ ଉଦ୍‌ଯାପିତ

**ବରଗଡ଼, ୧୮।୨(ସମିସ):** ରବିବାର ବରଗଡ଼ ତଳିପଡ଼ାସ୍ଥିତ ଘୁଡାଦାନୀ ମନ୍ଦିର ସଂକ୍ରାନ୍ତି ଗୋଷ୍ଠୀ ତରଫରୁ ଆୟୋଜିତ ହେଉଥିବା ରାମାୟଣ ପାରାୟଣ କଥା ପ୍ରବଚନ ଉଦଯାପିତ ହୋଇଯାଇଛି। ଗତ ୧୪ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ବରପାଲି ନିବାସୀ ପଣ୍ଡିତ ସୂରଜ ଦେବତା ପ୍ରବଚକ ଭାବେ ଯୋଗଦେଇ ପ୍ରତ୍ୟହ ପ୍ରବଚନ ଦେଇଥିଲେ। ବିଭିନ୍ନ ଦିବସରେ ସୀତା ସ୍ୱୟଂବର, ସୀତାବିବାହ, ରାମବନବାସ, ଭରତ ମିଳନ, ପାଦୁକାପୂଜା, ସୀତା ଚୋରୀ, ସୁନ୍ଦରାକାଣ୍ଡ ରାବଣ ବଧ, ଭଗବାନ ଶ୍ରୀ ରାମଚନ୍ଦ୍ରଙ୍କର ଅଯୋଧ୍ୟାରେ ରାଜ୍ୟାଭିଷେକ ଆଦି ପ୍ରବଚନ ଦେଇଥିବା ବେଳେ ଶ୍ରୀରାମ, ଲକ୍ଷ୍ମଣ, ସୀତା, ରାବଣ, ପର୍ଶୁରାମ ଆଦି ବିଭିନ୍ନ ଭୂମିକାରେ କଳାକାରମାନେ ଅଭିନୟ ମାଧ୍ୟମରେ ସୁନ୍ଦରାକାଣ୍ଡ ପ୍ରଦର୍ଶନ କରୁଛନ୍ତି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ସାମିଲ ହୋଇ ଘୁଡାଦାନୀ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ସଂକ୍ରାନ୍ତି ଗୋଷ୍ଠୀ ତରଫରୁ ପ୍ରାୟ ୫ ହଜାର ଶ୍ରଦ୍ଧାଳୁ ଭକ୍ତଙ୍କୁ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଥିଲା।



# ଭଗବାନ ମିଶ୍ରଙ୍କ ୮୮ତମ ଜୟନ୍ତୀ ପାଳିତ

**ବରଗଡ଼,୧୮।୨(ସମିସ)**

ବିଜୁ ପଟ୍ଟନାୟକ ଟାଉନ ହଲଠାରେ ବିଶିଷ୍ଟ ଶିକ୍ଷାବିତ ଓ ସମାଜ ସଂସ୍କାରକ ସ୍ୱର୍ଗତ ଭଗବାନ ମିଶ୍ରଙ୍କ ୮୮ତମ ଜୟନ୍ତୀ ପାଳିତ ହୋଇଯାଇଛି । ଭଗବାନ ମିଶ୍ର ସ୍ମୃତି ସମିତି ଦ୍ୱାରା ସମିତିର ସଭାପତି ପ୍ରୀତମ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭିସୁଟର କୁଳପତି ପ୍ରଫେସର ବଂଶୀଧର ମାଝୀ ଓ ମୁଖ୍ୟବକ୍ତା ଭାବେ ପୁରୀ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ପ୍ରଫେସର ନନ୍ଦିଘୋଷ ମହାପାତ୍ର ଯୋଗଦେଇ ଭାରତୀୟ ସଂସ୍କୃତିରେ ଗୁରୁର ମାହାତ୍ମ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଶିଷ୍ଟ ଶିକ୍ଷକ ଏବଂ ସାହିତ୍ୟକ ବଡ଼ଦର୍ଲିପାଲିର ବିପିନ ବିହାରୀ ବେହେରାଙ୍କୁ 'ଭଗବାନ ମିଶ୍ର ଶିକ୍ଷକ ଗୌରବ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସମିତିର ଅଧ୍ୟକ୍ଷ ପ୍ରଫେସର ଅମରେନ୍ଦ୍ର ନାରାୟଣ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ ଓ ସ୍ୱାଗତ କରିଥିଲେ। ସମ୍ପାଦକ ପ୍ରାଧ୍ୟାପକ ପ୍ରତୁଲଚନ୍ଦ୍ର ତ୍ରିପାଠୀ ସମ୍ପାଦକୀୟ ବିବରଣୀ ପାଠ ଏବଂ ପ୍ରାଧ୍ୟାପକ ସନ୍ତୋଷ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠିତ ଜିଲ୍ଲାସ୍ତରୀୟ ହିନ୍ଦୀ ପ୍ରତିଯୋଗୀତାର ୩୬ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଗତବର୍ଷର ମାଧ୍ୟମିକ ଶିକ୍ଷା ବୋର୍ଡ଼ ୧୦ମ ଶ୍ରେଣୀ ପରୀକ୍ଷାରେ ବରଗଡ଼ ଜିଲ୍ଲାରେ ସର୍ବାଧିକ ମାର୍କ ଓ ପ୍ରତ୍ୟେକ ବିଷୟରେ ସର୍ବାଧିକ ମାର୍କ ରଖିଥିବା ଛାତ୍ରଛାତ୍ରୀଙ୍କୁ ମେଧା ପୁରସ୍କାର ପ୍ରଦାନ କରାଯାଇଥିଲା । ସମିତିର ଉପସଭାପତି କମଳ ଯୋଶୀ, ସହସମ୍ପାଦକ ବିନୋଦ ସାହୁ, ମନୋରମା ଷଡ଼ଙ୍ଗୀ, ମିନାକ୍ଷୀ ଦାଶ, ନୀଳାମ୍ବର ମେହେର, ରାମକୃଷ୍ଣ ଠାକୁର, ଅଭିମନ୍ୟୁ ଭୋସାଗର, ଜଗଦୀଶ ସୈନ, ପ୍ରଦୀପ୍ତଭାନୁ ମହାନ୍ତି, ସୁନୀଲ ଅଗ୍ରୱାଲ, ଗୋପାଳ ଷଡ଼ଙ୍ଗୀ ସହଯୋଗ କରିଥିଲେ। ଅରବିନ୍ଦ ଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ।





ସାହିତ୍ୟକ ବିପିନ ବିହାରୀ ବେହେରାଙ୍କୁ 'ଭଗବାନ ମିଶ୍ର ଶିକ୍ଷକ ଗୌରବ ସମ୍ମାନ'

## ଅଲିଭ ଅଏଲ ମଗାଇ ଫସିଲେ

# କଷ୍ଟମର କେୟାର କହି ଲୁଟିଲେ ୧ ଲକ୍ଷ

**ସମ୍ବଲପୁର, ୧୮।୨(ସମିସ):** ସମ୍ବଲପୁର ସହରରେ ଅନଲାଇନ ଠକେଇ ଦିନକୁ ଦିନ ବଢ଼ିବାର ଲାଗିଛି। ଦୁଇ ସପ୍ତାହ ମଧ୍ୟରେ ସାଇବର ଅପରାଧର ବିଭିନ୍ନ ବିଭିନ୍ନ ଶୈଳୀ ଥାନାରେ ଅଭିଯୋଗ ହେଉଛି। ସେହିପରି ଭାବରେ ମୁଦିପଡ଼ା ଅଞ୍ଚଳରେ ଅନଲାଇନରୁ ଓଲିଭ ତେଲ ମଗାଇ ୧ ଲକ୍ଷ ୩ ହଜାର ଟଙ୍କା ଲୁଟର ଶିକାର ହୋଇଛନ୍ତି। ଏହା ସହ ଲୁଟ ପରେ ବାରମ୍ବାର ହତ୍ୟା ଧମକ ମଧ୍ୟ ମିଳୁଛି। ମୁଦିପଡ଼ା ନିବାସୀ ରାଧାନାଥ ବେହେରା ଅନଲାଇନରେ ଠକେଇ ହୋଇଥିବା ସାଇବର ଥାନାରେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ଶ୍ରୀ ବେହେରାଙ୍କ ଜାପାନରେ ରହୁଥିବା ଝିଅ ଘର ପାଇଁ ଅନଲାଇନରୁ ଓଲିଭ ତେଲ ମଗାଇଥିଲେ। ପାର୍ସଲଟି ଘରେ ନ ପହଞ୍ଚିବାରୁ ଗ୍ରାହକସେବାରେ ଅଭିଯୋଗ କରିଥିଲେ। ପାର୍ସଲ ଟଙ୍କାଟା ଅନଲାଇନରେ ଫେରସ୍ତ ହୋଇଯିବ ବୋଲି କହିଥିଲେ। ପରେ ଶ୍ରୀ ବେହାରଙ୍କ ସହ ଯୋଗାଯୋଗ କରି ଗ୍ରାହକ ସେବା ଆପ୍ ଡାଉନଲୋଡ କରିବାକୁ କହିଥିଲେ। ସେ ଆପ୍‌ଟି ଲୋଡ କରିବା ପରେ ପର୍ଯ୍ୟାୟକ୍ରମେ ୧ ଲକ୍ଷ ୩ ହଜାର ଟଙ୍କା ଲୁଟିନେଇଥିଲେ। ସଙ୍ଗେ ସଙ୍ଗେ ସାଇବର ଥାନାରେ ଅଭିଯୋଗ ପରେ ଉଭୟ ଏକାଉଣ୍ଟକୁ ଫ୍ରିଜ କରାଯାଇଥିଲା। ଏହା ପରେ ଆରମ୍ଭ ହୋଇଥିଲା ଗାଳିଗୁଲଜ। ସାଇବର ଅପରାଧି ବିଭିନ୍ନ ଫୋନ ନମ୍ବରରୁ ଫ୍ରିଜ ଏକାଉଣ୍ଟକୁ ଖୋଲିବା ପାଇଁ ଧମକ ଦେଉଛନ୍ତି। ଯଦି ଏକାଉଣ୍ଟ ଖୋଲାନଯାଏ ତାହାଲେ ମାରିଦେବେ ବୋଲି ମଧ୍ୟ ଧମକ ଦେଉଛନ୍ତି। ସାଇବର ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ସମଲେଇ ପରିକ୍ରମା ପ୍ରକଳ୍ପ

# ପ୍ରତ୍ୟକ୍ଷଦର୍ଶୀ ବଖାଣୁଛନ୍ତି ପ୍ରକଳ୍ପର ଭବ୍ୟତା

**ସମ୍ବଲପୁର, ୧୮।୨(ସମିସ)**

ସମ୍ବଲପୁର ସମଲେଇ ମନ୍ଦିର ପରିକ୍ରମା ପ୍ରକଳ୍ପ ଜାନୁଆରୀ ୨୭ ତାରିଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିଥିଲେ। ହୋମଯଜ୍ଞରେ ଆହୁତି ଦେଇ ମାଁଙ୍କୁ ଦର୍ଶନ କରିବା ପରେ ଭେଟି ଦେଇଥିଲେ। ୭ଦିନ

### ପରିକଳ୍ପନା ବାହାରେ ପ୍ରକଳ୍ପ, ବଢ଼ୁଛି ଶ୍ରଦ୍ଧାଳୁଙ୍କ ଭିଡ଼

ଧରି ଲୋକାର୍ପଣ ଉତ୍ସବ ହୋଇଥିଲା। ମହାନଦୀ ଆଳତିରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଯୋଗ ଦେଇଥିଲେ। ୭ଦିନ ପରେ ଯଜ୍ଞ ଶେଷ ହୋଇଥିଲା। ରାଜ୍ୟ ବାହାର ପର୍ଯ୍ୟଟକ ସଂଖ୍ୟାରେ ବୃଦ୍ଧି ପାଇଛି। ପଶ୍ଚିମ ଓଡ଼ିଶାର ତଥା ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଫେବୃଆରୀ ୫ତାରିଖ ଠାରୁ ଶ୍ରଦ୍ଧାଳୁମାନେ ଆସି ଦର୍ଶନ କରି ଫେରୁଛନ୍ତି। ପରିକ୍ରମା ପ୍ରକଳ୍ପ ବୁଲି ଦେଖି ଶ୍ରଦ୍ଧାଳୁମାନେ ବେଶ୍ ଉତ୍ସାହିତ, ବିମୋହିତ, ଆକର୍ଷିତ ହୋଇଯାଉଛନ୍ତି। ରାଜ୍ୟ ସରକାରଙ୍କ ଏହି ପଦକ୍ଷେପକୁ ପ୍ରଶଂସା କରୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ ଶ୍ରୀ ପଣ୍ଡିଆନଙ୍କୁ କୃତଜ୍ଞତା ଜଣାଉଛନ୍ତି। ପ୍ରତକ୍ଷଦର୍ଶୀ ଘରକୁ ଫେରିବା ପରେ ନିଜ ଗ୍ରାମ ଓ ପଡ଼ାରେ ମଧ୍ୟ ପରିକ୍ରମା ପ୍ରକଳ୍ପର ଭବ୍ୟତାକୁ ନେଇ ପଡ଼ୋଶୀ, ସମ୍ପର୍କୀୟ ମାନଙ୍କ ସହ ଆଲୋଚନା କରୁଛନ୍ତି। ଯାହାକୁ ନେଇ ଅନ୍ୟମାନେ





ମଧ୍ୟ ମାଁଙ୍କ ଦର୍ଶନ କରିବା ସହ ପ୍ରକଳ୍ପ ବୁଲିଯିବା ପାଇଁ ମନ ବୋଲାଉଛନ୍ତି। ସମଲେଇଙ୍କ ମହିମା ଭକ୍ତଙ୍କୁ ପାଖକୁ ଟାଣି ଆଣୁଛି। ରାଜ୍ୟ ବାହାର ଶ୍ରଦ୍ଧାଳୁମାନେ ମଧ୍ୟ ମନ୍ଦିର ଚାରିପାଖ ବୁଲିବା ପରେ ଚକିତ ହୋଇ ସରକାରଙ୍କ ଏହି ପଦକ୍ଷେପକୁ ପ୍ରଶଂସା ନ କରି ରହିପାରୁ ନାହାନ୍ତି। ଅନ୍ୟପଟେ ବିଭିନ୍ନ ଜିଲ୍ଲାର ଓ ରାଜ୍ୟ ବାହାର ପ୍ରତିଦିନ ୧୦ହଜାରରୁ ଉର୍ଦ୍ଧ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ମନ୍ଦିର ଟ୍ରଷ୍ଟ ପକ୍ଷରୁ ଆସୁଥିବା ଭକ୍ତ ମାନଙ୍କ ପାଇଁ ସମସ୍ତ ସୁବିଧା କରାଯାଉଛି। ସେମାନଙ୍କ ପାଇଁ ଅନ୍ନଭୋଗ ବଣ୍ଟନ କରାଯାଉଛି। ସୁରକ୍ଷିତ, ଶୃଙ୍ଖଳିତ ଦର୍ଶନ କରିବା ପାଇଁ ଟ୍ରଷ୍ଟ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ବ୍ୟବସ୍ଥା କରାଯାଇଛି। ଏ ସମ୍ପର୍କରେ ମନ୍ଦିର ଟ୍ରଷ୍ଟ ସଭାପତି ସଞ୍ଜୟ ବାବୁ କହିଛନ୍ତି, ମାଁଙ୍କ ପାଖକୁ ଶ୍ରଦ୍ଧାଳୁମାନେ ଆସୁଥିଲେ। ଦର୍ଶନ କରି ଆଶିଷ ଲାଭ କରୁଥିଲେ। ପରିକ୍ରମା ପ୍ରକଳ୍ପ ହେବା ପରେ ସେମାନେ ଅଧିକ ମନ୍ଦିର ପରିସରରେ ଅଧିକ ସମୟ ବିତାଇ ପାରୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଦୂରଦୃଷ୍ଟି ପାଇଁ ଆଜି ବିକଶିତ ହୋଇପାରିଛି। ଆସନ୍ତା ୨୦ତାରିଖ ପର୍ଯ୍ୟନ୍ତ ଟ୍ରଷ୍ଟ ପକ୍ଷରୁ ସମସ୍ତ ଆସୁଥିବା ଶ୍ରଦ୍ଧାଳୁ ମାନଙ୍କ ପାଇଁ ସବୁ ବ୍ୟବସ୍ଥା ଟ୍ରଷ୍ଟ ପକ୍ଷରୁ କରାଯିବ ବୋଲି କହିଥିଲେ। ସୂଚନାଯୋଗ୍ୟ ଯେ, ସମ୍ବଲପୁର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କ ବଲାଙ୍ଗୀର, ଝାରସୁଗୁଡ଼ା, ନୂଆପଡ଼ା, ବରଗଡ଼, ସୋନପୁର, ସୁନ୍ଦରଗଡ଼, କଳାହାଣ୍ଡି, ସୁନ୍ଦରଗଡ଼ ଜିଲ୍ଲା ରହିଛି। ୧୪ ତାରିଖ ପର୍ଯ୍ୟନ୍ତ ସମଗ୍ର ୧୧ଗୋଟି ଜିଲ୍ଲାର ସବୁ ନିର୍ବାଚନ ମଣ୍ଡଳୀର ଭକ୍ତ ମାଁଙ୍କୁ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଥିବା ବେଳେ ଭକ୍ତଙ୍କ ଭିଡ଼କୁ ଦେଖି ୨୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

## ଟ୍ରକ ଦୁର୍ଘଟଣାରେ ଜଣେ ମୃତ

**ସମ୍ବଲପୁର, ୧୮।୨ (ସମିସ):** ରେଢ଼ାଖୋଲ ଅଞ୍ଚଳର ଦୁଇ ଜଣ ବ୍ୟକ୍ତି ଅନଗୁଳିଆ ପଡ଼ାରୁ ଅଇଁଠାପାଲି ବସଷ୍ଟାଣ୍ଡ ଆଡ଼କୁ ବାଇକରେ ଆସୁଥିବା ବେଳେ ଏକ ଟ୍ରକ(ସିଜି୦୪ଏଲଏସ୫୬୧୫) ଧକ୍କା ଦେଇଥିଲା। ପଛରେ ବସିଥିବା ଜ୍ୟୋତି ରଞ୍ଜନ ସାହୁ(୩୭)ଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ଏନେଇ ଅଇଁଠାପାଲି ଥାନାରେ ବାଇକ ଚାଳକ ଶରତ ଦେହୁରୀ ଅଭିଯୋଗ କରିଛନ୍ତି।

## କାଠଫାଳିଆରେ ଯୁବକଙ୍କୁ ହତ୍ୟା ଘଟଣା; ଅଭିଯୁକ୍ତ ଅଟକ

**ସମ୍ବଲପୁର, ୧୮।୨(ସମିସ):** ଦିନ ଦ୍ୱିପହରେ କ୍ଷେତରାଜପୁର ଥାନା କୁସୁମପଡ଼ାରେ ରିଙ୍କୁ ନନ୍ଦ (୪୦)ଙ୍କୁ ନିର୍ମମ ଭାବେ କାଠ ଫାଳିଆରେ ପିଟି ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୁଲିସକୁ ସଫଳତା ମିଳିଛି। ଅଭିଯୁକ୍ତ ଅକୁଳ ବନଛୋରକୁ ଅଟକ ରଖିଛି। ବ୍ୟବହୃତ କାଠଫାଳିଆ ଜବତ ହୋଇଛି। ଅଭିଯୁକ୍ତ ହତ୍ୟା କରି ଫେରାର ହୋଇଥିବା ବେଳେ ପୁଲିସ ଗତକାଲି ରାତିରେ କାବୁ କରିନେଇଥିଲା ବୋଲି ଏସ୍‌ଡିପିଓ ତୋଫାନ ବାଗ କହିଛନ୍ତି। ଅନ୍ୟପଟେ ଆସନ୍ତାକାଲି ଅଭିଯୁକ୍ତଙ୍କୁ ନେଇ କ୍ରାଇମ ସ୍କ୍ରିନ କରାଯିବା ପରେ କୋର୍ଟ ଚାଲାଣ କରାଯିବ ବୋଲି କହିଥିଲେ। ସୂଚନାଯୋଗ୍ୟ, ପୂର୍ବାହ୍ନ ପ୍ରାୟ ୧୧ଟାରେ ରିଙ୍କୁ ପଡ଼ାରେ ଛିଡ଼ା ହୋଇଥିଲେ। ଏହି ସମୟରେ ପଡ଼ାର ଆଉଜଣେ ଯୁବକଙ୍କ ସହ କୌଣସି କାରଣରୁ ବଚସା ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ଦୁର୍ବୃତ୍ତ କାଠ ଫାଳିଆରେ ରିଙ୍କୁକୁ ଆକ୍ରମଣ କରିଥିଲା। ମୁଣ୍ଡରେ ମାଡ଼ ମାରିବା ଫଳରେ ଘଟଣାସ୍ଥଳରେ ରିଙ୍କୁ ଗୁରୁତର ହୋଇପଡ଼ିଥିଲେ। କିଛି ସମୟରେ ପରେ ପ୍ରାଣ ହରାଇଥିଲେ। ଭିମସାର ନେଇଥିଲେ ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ। ପଡ଼ାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିଲା। ଅଭିଯୁକ୍ତ ଚିହ୍ନଟ ହୋଇ ସାରିଛି। ଘଟଣା ପୂର୍ବରୁ ରିଙ୍କୁ ଓ ଅଭିଯୁକ୍ତ ମଧ୍ୟରେ ପୂର୍ବ ଶତ୍ରୁତାକୁ ନେଇ ଯୁକ୍ତିତର୍କ ହୋଇଥିଲା। ଏକ କାଠଫାଳିଆରେ ରିଙ୍କୁଙ୍କୁ ଆକ୍ରମଣ କରିଥିଲା। ରିଙ୍କୁର ମୁଣ୍ଡରେ ତାଙ୍କର ପ୍ରଚୁର ରକ୍ତସ୍ରାବ ହେଇଥିଲା। ବ୍ୟକ୍ତିଗତ କାରଣକୁ ନେଇ ହତ୍ୟା କରାଯାଇଥିଲା ବୋଲି ପୁଲିସ କହିଛି।

ସୂଚନାଯୋଗ୍ୟ, ସମ୍ବଲପୁରରେ ବିଭିନ୍ନ ଅପରାଧୀକ କାର୍ଯ୍ୟ ବୃଦ୍ଧି ପାଇବାରେ ଲାଗିଛି। ମାସକରେ ୪ ହତ୍ୟାକାଣ୍ଡ ଘଟିଛି। ଚାରୋଟି ହତ୍ୟାକାଣ୍ଡ ଦିନଦ୍ୱିପହରରେ ହୋଇଛି। ଏଥିରେ ୨ଟି ମାମଲାରେ ପୋଲିସ ଅଭିଯୁକ୍ତମାନଙ୍କୁ ଧରିବାରେ ସକ୍ଷମ ହୋଇଛି। ଗତମାସ ୧୦ତାରିଖ ଦିନ ଠେଲକୁଲି ଥାନା ଲପଙ୍ଗା ଠାରେ ବିଶ୍ୱନାଥ ବାନାର୍ଜୀ, ଗତ୧୯ ତାରିଖ ଦିନ ସ୍ଥାନୀୟ କ୍ଷେତରାଜପୁର ଥାନା ଅନ୍ତର୍ଗତ ଦଳଦଳିପଡ଼ା ଗୁଡ୍ଡୁ ରାଉତ, ଗତ ୧୦ ତାରିଖ ଦିନ ହୀରାକୁଦ ଡ୍ୟାମ୍ ବାମପାର୍ଶ୍ୱ ଡାଇକ୍‌ର ବଳବସପୁର ଠାରେ ଶଶି ପାଗାଡାଙ୍କୁ ହତ୍ୟା କରାଯାଇଥିଲା। ଆଜି ପର୍ଯ୍ୟନ୍ତ ଏହି ହତ୍ୟାକାଣ୍ଡରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଫଳ ହୋଇଛି।

## ଗାଡ଼ି ବିକ୍ରି ନାମରେ ୫ ଲକ୍ଷ ଠକିନେଲେ ସୋ'ରୁମ୍ କର୍ମଚାରୀ

**ସମ୍ବଲପୁର, ୧୮।୨(ସମିସ):** ସମ୍ବଲପୁର ଜିଲ୍ଲା ଅଇଁଠାପାଲି ଥାନାରେ ଏକ ସୋରୁମର କର୍ମଚାରୀ ଗାଡି ବିକ୍ରି କରିବା ନେଇଥିବା ଗ୍ରାହକଙ୍କ ଅଗ୍ରିମ ଟଙ୍କା ନେଇ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ଏକାଧିକ ଗ୍ରାହକ ସୋ ରୁମକୁ ଆସି ଗାଡି ମାଗିବା ଓ ଅଭିଯୋଗ କରିବା ପରେ ପ୍ରଧାନପାଲି ସ୍ଥିତ ଓଡୋଶୀ ମଟର୍ସର ଏକ କର୍ମଚାରୀ ନିତ୍ୟାନନ୍ଦ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ଅଭିଯୋଗ କ୍ରମେ ସୋ'ରୁମ କର୍ମଚାରୀ ଅମିତ ପଟ୍ଟନାୟକ ବିଭିନ୍ନ ଗ୍ରାହକ ମାନଙ୍କ ଠାରୁ ଟଙ୍କା ଠକି ନେଇଛନ୍ତି। ଗ୍ରାହକ କୌଶିକ ଦୀପ ସୋ ରୁମରେ ଅଭିଯୋଗ କରିବା ପରେ ଘଟଣା ସମାନାକୁ ଆସିଲା। ଗ୍ରାହମ କୌଶିକଙ୍କୁ ନକଲି ବିଲ ଦେଇ ୨ଲକ୍ଷ ଟଙ୍କା ଅଗ୍ରୀମ ଟଙ୍କା ଠକି ନେଇଛି। ଅମିତ ସୋ ରୁମ ନାମରେ ନକଲି ବିଲ କରିଥିଲେ। ଘଟଣା ଜଣାପଡ଼ିବା ପରେ ଅମୀତଙ୍କ ସହିତ

### ସୋ'ରୁମ୍ ପକ୍ଷରୁ ଥାନାରେ ଅଭିଯୋଗ

ଗ୍ରାହକ କୈଶିକଙ୍କ ଆପୋଶ ବୁଝାମଣା କରିବାକୁ ଚେଷ୍ଟା କରାଯାଇଥିଲା। ଅମୀତ ମଧ୍ୟ ନେଇଥିବା ଟଙ୍କା ଫେରାଇ ଦେବାକୁ କହିଥିଲେ। ହେଲେ ବାରମ୍ବାର କହିବା ପରେ ମଧ୍ୟ ଟଙ୍କା ଆଉ ଫେରାଇ ନଥିଲେ। ସେ ଏହିପରି ଭାବରେ ଅନ୍ୟ ଗ୍ରାହକଙ୍କୁ ଠକିଥିବା ଜଣାପଡ଼ିଛି। ଗ୍ରାହକ ମାନଙ୍କ ଅଭିଯୋଗ ଓ ସୋ ରୁମର ବିଭିନ୍ନ କାଗଜ ପତ୍ର ଯାଞ୍ଚ କରିବା ପରେ ଲକ୍ଷାଧିକ ଟଙ୍କା ଠକେଇ କରିଥିବା ଜଣାପଡ଼ିଲା। ତେଜରାମଙ୍କ ୧୧, ୧୪୭, ରାଧାକାନ୍ତ ସୁନା ୪୦, ୯୨୦ଟଙ୍କା, ମୀନକେତନଙ୍କ ୬୬୩୧, ମମତାଙ୍କ ୩୮, ୮୭୯, ଜୟକ୍ରୀଷ୍ଣାଙ୍କ ୧ ଲକ୍ଷ, ମନୋଜଙ୍କ ୧ ଲକ୍ଷ ୨୫ ହଜାର ୮୬୨ ଏବଂ କୌଶିକଙ୍କ ଦୁଇ ଲକ୍ଷ ଟଙ୍କା ନେଇଥିବା ଅଭିଯୋଗ କରିଛନ୍ତି। ସମସ୍ତଙ୍କ ଟଙ୍କା ଦୁଇ ଦିନ ଭିତରେ ଫେରାଇ ଦେବ ବୋଲି ଅମିତ ପ୍ରତିଶ୍ରୁତି ଦେଇଥିଲା। ହେଲେ ଏବେଯାଏ କୌଣସି ଟଙ୍କା ଫେରାଇ ନଥିବା ସହ କଲ ଉଠାଉ ନଥିବା ଅଭିଯୋଗ ହୋଇଛି।

## ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ହୀରାକୁଦ, ୧୮।୨(ସମିସ):** ଆଜି ହୀରାକୁଦ କ୍ରୀଡ଼ା ସଂସଦ ତରଫରୁ ସୁଭାଷ ପଡ଼ିଆରେ ନକଆଉଟ୍



ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଏଥିରେ ସର୍ବମୋଟ ଆଠଟି ଦଳ ଯୋଗଦାନ କରିଛନ୍ତି। ଆଜିର ମ୍ୟାଚ୍ ଅନ୍ଧାରୀପାଟ ଓ ଆଇଟିଆଇ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମାର୍ଦ୍ଧରେ ଆଇଟିଆଇ ଦଳ ପ୍ରଥମ ଗୋଲ ସ୍କୋର କରିଥିଲେ। ପରେ ଅନ୍ଧାରୀପାଟ ଦଳ ଏହାକୁ ବରାବର କରିଥିଲେ। ନିର୍ଦ୍ଧାରିତ ସମୟରେ ଦୁଇଟି ଯାକ ଦଳ ୨-୨ ଗୋଲ ସ୍କୋର କରିଥିଲେ। ପରେ ପେନାଲ୍ଟି ଜରିଆରେ ଅନ୍ଧିରୀପାଟ ଦଳ ୪-୨ ଗୋଲରେ ବିଜୟୀ ହେଲେ।ପିଣ୍ଟୁ ନାଗଙ୍କୁ ଆଜି ମେନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଜିର ମ୍ୟାଚ୍‌କୁ ରେଫାରି ଗୋପୀନାଥ ପାଣ୍ଡେ, ଲାଇନ୍‌ରେ ବଳରାମ ପ୍ରଧାନ, କବି କୁମ୍ଭାର, ଓ ଚତୁର୍ଥ ରେଫରି ଭାବେ ସୁଦେଶ ନାଗ ଖେଳ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସିଦ୍ଧାର୍ଥ ଦାସ ଯୋଗଦାନ କରିଥିଲେ। କ୍ରୀଡ଼ା ସଂସଦ ସଭାପତି ଗଣେଶ ପଲାଇ, କାର୍ଯ୍ୟକାରୀ ସଭାପତି ସଚିକାନ୍ତ ମିଶ୍ର, ଜିଲ୍ଲା କ୍ରୀଡ଼ା ସଂସଦ ସମ୍ପାଦକ ସୁନିଲ ସାହୁ, ଫୁଟ୍‌ବଲ ସମ୍ପାଦକ କ୍ଷୀରୋଦ ନାୟକ, ଜିଏନ୍ ମିଶ୍ର, ବେନୁଆ ସାଲେମ ପ୍ରମୁଖ ଉପସ୍ଥିତ ଥିଲେ।

## ମାନକ କ୍ଲବର ମାର୍ଗଦର୍ଶକ ଶିକ୍ଷକଙ୍କ ନିମନ୍ତେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ସମ୍ବଲପୁର, ୧୮।୨(ସମିସ):** ଭାରତୀୟ ମାନକ ବ୍ୟୁରୋ ଭୁବନେଶ୍ୱର ଶାଖା ଆନୁକୂଲ୍ୟରେ ସମ୍ବଲପୁର କାବେରୀ ହୋଟେଲରେ ମାନକ ବ୍ୟୁରୋ କ୍ଲବର ମାର୍ଗଦର୍ଶକ ଶିକ୍ଷକମାନଙ୍କ ନିମନ୍ତେ ଦ୍ୱିଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତୀୟ ମାନକ ବ୍ୟୁରୋ ଭୁବନେଶ୍ୱର ଶାଖାର ନିର୍ଦ୍ଦେଶକ ବୈଜ୍ଞାନିକ ଅକ୍ଷୟ କୁମାର ପୁରୋହିତ, ଅମ୍ରିତା ପଟ୍ଟନାୟକ, ସଞ୍ଜୀବ କୁମାର ନାଏକ, ପ୍ରତାପ ପ୍ରଶିକ୍ଷକ ଭାବରେ ଯୋଗଦେଇ ବିଦ୍ୟାଳୟ ମାନଙ୍କରେ ମାନକ କ୍ଲବର ଆବଶ୍ୟକତା ଏବଂ ଏହାର କାର୍ଯ୍ୟ ବିଷୟରେ ବର୍ଣ୍ଣନା କରିଥିଲେ। ବିଭିନ୍ନ ଉତ୍ପାଦ ଯଥା ସ୍ୱର୍ଣ୍ଣ ନିର୍ମିତ ଅଳଙ୍କାର, ବୋତଲରେ ବିକ୍ରି ହେଉଥିବା ପାନୀୟ ଜଳ ଆଦିର ମାନକ ଚିହ୍ନଟ କରିବା ନିମନ୍ତେ ବିକଶିତ ହୋଇଥିବା ବିଭିନ୍ନ ଆପ୍‌ର ପ୍ରୟୋଗ ପ୍ରଦର୍ଶନ ମାଧ୍ୟମରେ ଦର୍ଶାଇଥିଲେ। ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷଣ କାର୍ଯ୍ୟ ମାଧ୍ୟମରେ ବିଭିନ୍ନ ଉତ୍ପାଦମାନଙ୍କର ମାନକ ସମ୍ବନ୍ଧୀୟ ଜ୍ଞାନ ପ୍ରଦାନ କରିବା ନିମିତ୍ତ ଆୟୋଜିତ ଏହି ତାଲିମ ଶିବିରରେ ବରଗଡ଼, ସମ୍ବଲପୁର, ଦେବଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାର ୩୮ ଜଣ ମାନକ ବ୍ୟୁରୋ କ୍ଲବର ମାର୍ଗ ଦର୍ଶକ ବିଜ୍ଞାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ତାଲିମ ନେଇଥିଲେ। ଦଳଗତ ପ୍ରଦର୍ଶନ ମାଧ୍ୟମରେ ବରଗଡ଼ ଜିଲ୍ଲାର ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ, ଭୁକ୍ତାର ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ ସିମେଣ୍ଟର ମାନକ, ସମ୍ବଲପୁର ଜିଲ୍ଲାର ବିଜ୍ଞାନ ଶିକ୍ଷୟିତ୍ରୀ ପ୍ରଜ୍ଞାଶ୍ରୀ ରାଉତ ଗ୍ୟାସ ସିଲିଣ୍ଡରର ମାନକ, ଝାରସୁଗୁଡ଼ା ଜିଲ୍ଲାର ବିଜ୍ଞାନ ଶିକ୍ଷୟିତ୍ରୀ ରିଙ୍କି ପ୍ରଧାନ ଶିଶୁମାନଙ୍କୁ ଦିଆଯାଉଥିବା ପ୍ୟାକେଟ କ୍ଷୀରର ମାନକ, ଦେବଗଡ଼ ଜିଲ୍ଲାର ଅନୀଲ କୁମାର ହେଲମେଟର ମାନକ ଓ ବିଜ୍ଞାନ ଶିକ୍ଷକ ଗିରିଧାରୀ ସାହୁ ବଜାରରେ ବିକ୍ରି ହେଉଥିବା ପାନୀୟ ଜଳର ମାନକ ଓ ସେଥିପାଇଁ ବ୍ୟବହୃତ ପ୍ଲାଷ୍ଟିକ ବୋତଲର ମାନକ ସମ୍ବନ୍ଧୀୟ ସୂଚନା ଉପଯୁକ୍ତ ତଥ୍ୟ ସହିତ ଉପସ୍ଥାପନ କରିଥିଲେ।

### ଆଜି ଲକ୍ଷ୍ମୀ ବସ୍ ଯୋଜନାର ଲୋକାର୍ପଣ

## ପିଏଚ୍‌ଡି ପଡ଼ିଆରୁ ଅଳିଆ ସଫେଇ

**ସମ୍ବଲପୁର, ୧୮।୨(ସମିସ):** ସମ୍ବଲପୁର ମହୋତ୍ସବ ଗତ ୧୪ ତାରିଖ ପିଏଚ୍‌ଡି ପଡ଼ିଆରେ ଶେଷ ହୋଇଛି। ଅସନ୍ତାକାଲି ରାଜ୍ୟ ସରକାରଙ୍କ 'ଲକ୍ଷ୍ମୀ' ବସ୍ ଯୋଜନାର ଶୁଭାରମ୍ଭ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରାୟ ୨୫୦ଟି ଷ୍ଟଲ୍ ଓ ଅନ୍ୟାନ୍ୟ ଟେଣ୍ଟକୁ



ଯୁଦ୍ଧକାଳୀନ ଭିତ୍ତିରେ ଖୋଲିବାକୁ ପଡ଼ିଥିଲା। ଟେଣ୍ଟ କର୍ମଚାରୀ, କମିଟି ଦିନରାତି ପରିଶ୍ରମ କରି ଏହି କାମକୁ ତତ୍ପରତାର ସହ କରିଥିଲେ। ସମ୍ବଲପୁର ସାଂସ୍କୃତିକ ପରିଷଦ ତରଫରୁ ଭକ୍ତପ୍ରସାଦ ନନ୍ଦ, ମିତାରାଣୀ ତ୍ରିପାଠୀ, ପାର୍ବତୀ ସେଠ, ଭାରତୀ ପଣ୍ଡା, ସପନ ମିଶ୍ର, ସଦାନନ୍ଦ ପଣ୍ଡା, ଭାସ୍କର ଭଟ୍ଟାଚାର୍ଯ୍ୟ, ସ୍ୱର୍ଣ୍ଣଜିତ ପଟ୍ଟନାୟକ, ସୁମନ୍ତ ଆଚାର୍ଯ୍ୟ, ମାନସ ବକ୍‌ସି ପ୍ରମୁଖ ପୂରା ପଡ଼ିଆର ସଫେଇ କାର୍ଯ୍ୟରେ ସହଯୋଗ କରିଥିଲେ।

## ବିଜେଡିର ସମ୍ବର୍ଦ୍ଧନା ସଭା

**ବୁର୍ଲା, ୧୮।୨(ସମିସ):** ରେଙ୍ଗାଲି ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳର ଭାଲୁପାଲିସ୍ଥିତ ଦଳୀୟ କାର୍ଯ୍ୟାଳୟ ଠାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାକୁ ଚଉଁରପୁର ୧ନମ୍ବର ୱାର୍ଡ଼ର ଯୁବ ବିଜେଡି ନେତା ଉମାକାନ୍ତ ମହନ୍ତ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବିଜୁ ଯୁବ ଜନତା ଦଳର ନବ ନିଯୁକ୍ତ ଯୁବ ରାଜ୍ୟ ସାଧାରଣ ସମ୍ପାଦକ ଜଗନ୍ନାଥ ନାଥ ଓ ମହାନଗର ନିଗମ ୧ ନମ୍ବର ୱାର୍ଡର ୱାର୍ଡ କୋଡ଼ିନେଟର ପ୍ରଶାନ୍ତ ସିଂଙ୍କୁ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବିଜୁ ଜନତା ଦଳର ବରିଷ୍ଠ ନେତା ଏମ୍‌ବି ସତ୍ୟନ୍, ଜିଲ୍ଲା ସମ୍ପାଦକ ଜଗନ୍ନାଥ ତ୍ରିପାଠୀ, ଧନକଉଡ଼ା ଜୋନ ୨ ଜିଲ୍ଲାପରିଷଦ ସୁଦର୍ଶନ ହରିପାଲ, ବରିଷ୍ଠ ନେତା ରାଜାରାମ ମହନ୍ତମ୍, ଯୁବ ନେତା ନରେଶ ସିଂ, ପୂର୍ବତନ ସରପଞ୍ଚ ଆହାଲ୍ଲାଦ ମେହେର, ଶତ୍ରୁଘ୍ନ ସେଟ, ଶ୍ରୀବତ୍ସ ଗରିଆ, ଅନ୍ତର୍ଯ୍ୟାମୀ ବାଗ, ପୀତବାସ ଭୋଇ, ଜ୍ୟୋତିପ୍ରକାଶ ପତି, ସୁଦାମ ରାଉତ, ଶ୍ରୀମନ୍ତ ବେହେରା ଓ ବିଜୁ ଜନତା ଦଳର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସାରସ୍ୱତ ମହାବିଦ୍ୟାଳୟର ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

**ବୁର୍ଲା, ୧୮।୨(ସମିସ):** ଗୋଡ଼ଭଗାସ୍ଥିତ ସାରସ୍ୱତ ମହାବିଦ୍ୟାଳୟର ଯୁକ୍ତଦୁଇ ପ୍ରଥମ ବ୍ୟାଚ ୧୯୯୧-୯୧ ବର୍ଷର ପୁରାତନ ଛାତ୍ରଙ୍କ ତୃତୀୟ ବନ୍ଧୁମିଳନ କାର୍ଯ୍ୟକ୍ରମ ମହାବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ରଞ୍ଜନ ବାରିକଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଯୁକ୍ତଦୁଇ ମହାବିଦ୍ୟାଳୟରେ ଅଧ୍ୟକ୍ଷ ପ୍ରମୋଦ ପ୍ରଧାନ, ଇଂରାଜୀ ଅଧ୍ୟାପକ ଅଶୋକ ପ୍ରଧାନ, ପିଇଟିଙ୍କ ସମେତ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଯୋଗ ଦେଇଥିଲେ। ସେହିପରି ଯୁକ୍ତତିନି ମହାବିଦ୍ୟାଳୟରେ ଅଧ୍ୟକ୍ଷା ପ୍ରତିମା ପାଲଙ୍କ ସମେତ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଯୋଗ ଦେଇଥିବାବେଳେ ସମସ୍ତଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୁରାତନ ଦିନକୁ ମନେ ପକାଇବା ସହ ଏକ ସମସ୍ତେ କଲେଜ ବୁଲି ଦେଖିଥିଲେ। କାର୍ଯ୍ୟକ୍ରମରେ ପୁରାତନ ଛାତ୍ରଛାତ୍ରୀ ତଥା ତାଙ୍କ ପରିବାର ବର୍ଗ ଉପସ୍ଥିତ ଥିଲେ।

## ବିଜେଡି ପକ୍ଷରୁ ପରିବାର ସମ୍ପର୍କ ଅଭିଯାନ

**ବୁର୍ଲା, ୧୮।୨(ସମିସ):** ବୁର୍ଲା ବିଜୁ ଜନତା ଦଳ ତରଫରୁ ୱାର୍ଡ଼ ନମ୍ବର୩ ମହତାବ ନଗର ଠାରେ ପରିବାର ସମ୍ପର୍କ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେମିତି ସଂଗଠନକୁ ଆହୁରି ସୁଦୃଢ଼ କରାଯିବ ସେ ନେଇ ଆଲୋଚନା ହୋଇଥିଲା। ନବୀନ ପଟ୍ଟନାୟକଙ୍କ ଜନହିତାଧିକାରୀ ଯୋଜନା ବିଷୟରେ ପାର୍ଟିର ବରିଷ୍ଠ ନେତା ମାନେ ଜନସାଧାରଣଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ନେତା ପ୍ରଫୁଲ୍ଲ କୁମାର ନାୟକ, ପ୍ରଦୀପ କୁମାର ମିଶ୍ର, ଶାନ୍ତିଲତା କର, ଅନିତା ନାଏକ, ରୁନୁ ନାୟକ, ଶ୍ୟାମ ନାୟକ, ଗୌତମ ବେହେରା, ପିଣ୍ଟୁ ରାଓ, ମଳି ବାଗ, ସନ୍ଧ୍ୟା ପାଣିଗ୍ରାହୀ, ହେମ ସୁନା, ସୂର୍ଯ୍ୟକାନ୍ତି କୁସୁମ, ରଶ୍ମି ନାୟକ ଅନେକ କର୍ମକର୍ତ୍ତା ଏକାଠି ହୋଇ ଆଗାମୀ ଦିନରେ ଦଳକୁ ଆହୁରି ମଜଭୁତ କରିବା ପାଇଁ ଶପଥ ନେଇଛନ୍ତି।



# ବିବାଦୀୟ ସୁରକ୍ଷା ସଂସ୍ଥାକୁ ସୁରକ୍ଷା ଦେଉଛନ୍ତି କେଉଁ ବାବୁ ?

**ବୁର୍ଲା, ୧୮।୨(ସମିସ)**

ଭୀମସାରରେ ସୁରକ୍ଷା ବ୍ୟବସ୍ଥା ବୁଝୁଥିବା ଏକ୍‌ଜିକ୍ୟୁଟିଭ ସର୍ଭିସେସ ଓ ଭିମାସର କର୍ତ୍ତୃପକ୍ଷଙ୍କ ମଧୁଚନ୍ଦ୍ରିକା ହାଟରେ ପଡ଼ି ଦାଣ୍ଡରେ ଗଡ଼ିଲାଣି। ସୁରକ୍ଷା ସଂସ୍ଥା ସୁରକ୍ଷା ବାବଦକୁ ମାସିକୁ ମୋଟା ଅଙ୍କ ନେଉଥିବା ବେଳେ ଚୋରି ତଥା ଲୁଟ୍ ହ୍ରାସ ପାଉନି। ସୁରକ୍ଷା ବାବଦକୁ ପ୍ରଦାନ କରାଯାଉଥିବା ଅର୍ଥ ଓ ସେବାକୁ ତୁଳନା କଲେ ଅର୍ଥ ବ୍ୟର୍ଥ ଯାଉଥିବା ପରି ମନେହେଉଛି। ଏହାସହ ପୂର୍ବରୁ ଏକ୍‌ଜିକ୍ୟୁଟିଭ୍ ସର୍ଭିସେସ ସୁରକ୍ଷା ସଂସ୍ଥା ନାଁରେ ମାଳ ମାଳ ଅଭିଯୋଗ ଥିବା ସତ୍ତ୍ୱେ ସେ ଦୀର୍ଘ ଦଶନ୍ଧିରୁ ଅଧିକ ଦିନ ଧରି ଭିମସାରରେ କାର୍ଯ୍ୟ କରୁଛି। ଗୋଟିଏ ପରେ ଗୋଟିଏ ନିର୍ଦ୍ଦେଶକ ବଦଳି ସାରିଲେଣି ହେଲେ ଏକଜିକ୍ୟୁଟିଭ ସର୍ଭିସେସ ଏପର୍ଯ୍ୟନ୍ତ କୋଳି ଖାଇ ମଞ୍ଜି ପୋତିଲା ପରେ ମୋଟା ଅଙ୍କର ଅର୍ଥ ହରିଲୁଟ୍ କରୁଛି। ୭୦ ସୁରକ୍ଷା କର୍ମୀରୁ କାର୍ଯ୍ୟ ହାତକୁ ନେଇଥିବା ଏକଜିକ୍ୟୁଟିଭ ସର୍ଭିସେସ ବର୍ତ୍ତମାନ ଭିମସାରରେ ୫୩୩ଜଣ ସୁରକ୍ଷା କର୍ମୀ ରଖି ମୋଟା ଅଙ୍କର ଟଙ୍କା ନେଉଛି। ହେଲେ ସେହି ଚୋରିକୁ ଚୋରି ଓ ଜିନିଷପତ୍ର ଲୁଟ୍ କ୍ରମାଗତ ଭାବରେ ବଢ଼ିଚାଲିଛି। ଫଳରେ ଏକଜିକ୍ୟୁଟିଭ ସର୍ଭିସେସର କାମ କ'ଣ ବୋଲି ରୋଗୀ ତଥା ରୋଗୀ ସମ୍ପର୍କୀୟ କହନ୍ତି। ଭିମସାର କର୍ତ୍ତୃପକ୍ଷ ଏକଜିକ୍ୟୁଟିଭ ସର୍ଭିସେସ ପଛରେ ଟଙ୍କା ପାଣି ଭଳି ଅପଚୟ କରୁଥିବା ଅଭିଯୋଗ ହୋଇଆସୁଛି। ସୂଚନା ଅନୁସାରେ ଭିମସାରରେ ସୁରକ୍ଷା ଦେବା ପାଇଁ ଗତ ୨୦୧୧ମସିହାରେ ଏକ୍‌ଜିକ୍ୟୁଟିଭ ସର୍ଭିସେସ ସୁରକ୍ଷା ସଂସ୍ଥା କାମ ପାଇଥିଲା। ସେହିବର୍ଷ ଆରମ୍ଭରୁ ୭୦ ଜଣ କର୍ମଚାରୀଙ୍କୁ ନେଇ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ଭିମସାର କର୍ତ୍ତୃପକ୍ଷ ପାଖାପାଖି ୩ଲକ୍ଷ ଟଙ୍କା ମାସକୁ ପଇଠ କରୁଥିଲେ। ହେଲେ କାଳକ୍ରମେ ସୁରକ୍ଷା କର୍ମୀ ସଂଖ୍ୟା ୫୩୩କୁ ବୃଦ୍ଧି ପାଇଥିବାବେଳେ ବର୍ତ୍ତମାନ ମାସକୁ ଭିମସାର କର୍ତ୍ତୃପକ୍ଷ ଏକଜିକ୍ୟୁଟିଭ ସର୍ଭିସେସକୁ ପାଖାପାଖି ୪୫ ଲକ୍ଷ ଟଙ୍କା ପ୍ରଦାନ କରୁଥିବା ଜଣାପଡ଼ିଛି। ତେବେ ଏକଜିକ୍ୟୁଟିଭ ସର୍ଭିସେସର ସେବାକୁ

### ଏକ୍‌ଜିକ୍ୟୁଟିଭ ସର୍ଭିସେସ ସଂସ୍ଥାକୁ ଭୀମସାର ଦେଉଛି ମାସକୁ ୪୫ଲକ୍ଷ ଟଙ୍କା, ତଥାପି ହେଉଛି ଚୋରି

ଦେଖିଲେ ମାସକୁ ଏତେ ବଡ଼ ରକମର ଟଙ୍କା ପଇଠ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। ୫୩୩ ଜଣ କର୍ମଚାରୀ ରାତିଦିନ ଡ୍ୟୁଟି କଲା ପରେ ମଧ୍ୟ ଭିମସାରରେ ରୋଗୀ ସମ୍ପର୍କୀୟଙ୍କ ଠାରୁ ଚୋରି କିମ୍ବା ଭିମସାର ପରିସରରୁ ସାମଗ୍ରୀ ଚୋରି ହେଉଛି। ଏହାସହ ଦଶନ୍ଧି ଧରି କାର୍ଯ୍ୟ କଳାପରେ ମଧ୍ୟ ସୁରକ୍ଷା କର୍ମୀଙ୍କ ଆଚରଣ ଓ ଉଚ୍ଚରଣରେ କେବେ ମଧୁରତା ରୋଗୀ ସମ୍ପର୍କୀୟ ଦେଖିବାକୁ ପାଇଲେ ନାହିଁ। ସୁରକ୍ଷା କର୍ମୀଙ୍କ ପ୍ରତି ରୋଗୀ ସମ୍ପର୍କୀୟଙ୍କ ଆଚରଣ ଓ ବ୍ୟବହାର ସମସ୍ତଙ୍କୁ ମର୍ମାହତ କରୁଛି। ତେବେ ଏତେ ସବୁ ଅଭିଯୋଗ ପରେ ବି ଭିମସାର କର୍ତ୍ତୃପକ୍ଷ ଏକ୍‌ଜିକ୍ୟୁଟିଭ ସର୍ଭିସେସକୁ ଅହେତୁକ ଅନୁକମ୍ପା ପ୍ରଦାନ କରୁଥିବା ଅଭିଯୋଗ ହୋଇଛି। ଗତ ଅକ୍ଟୋବର ମାସରେ ସୁରକ୍ଷାକର୍ମୀଙ୍କ ସଂଖ୍ୟା ୩୦୦କୁ ହ୍ରାସ କରିବା ପାଇଁ ଭିମାସାର କର୍ତ୍ତୃପକ୍ଷ ଚିଠି ଲେଖିବା ସହ ସମସ୍ତ ବିଭାଗରେ ଅତି କମ ସଂଖ୍ୟାରେ ସୁରକ୍ଷା କର୍ମୀ ରଖି କାର୍ଯ୍ୟ କରିବା ପାଇଁ କହିଥିଲେ। ହେଲେ ତାହା ମଧ୍ୟ ହୋଇ ପାରିଲା ନାହିଁ। ଫଳରେ ଏକ୍‌ଜିକ୍ୟୁଟିଭ ସର୍ଭିସେସ ସୁରକ୍ଷା ସଂସ୍ଥାକୁ କେଉଁ ବାବୁ ସୁରକ୍ଷା ଦେଉଛନ୍ତି ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି।

## ଆଲ୍‌ହା ହଜରତ୍ କମିଟି ପକ୍ଷରୁ ସାମୂହିକ ନିକାହ୍

**ସମ୍ବଲପୁର, ୧୮।୨(ସମିସ):** ସମ୍ବଲପୁର ଆଲ୍‌ହା ହଜରତ ୱେଲଫେୟାର କମିଟି ପକ୍ଷରୁ ଆଜି ସାମୁହିକ ନିକାହ୍ କରାଯାଇଛି। ଆର୍ଥିକ ଅନଟନ କିମ୍ବା ସାମାଜିକ କାରଣରୁ ନିକାହ ହୋଇପାରି ନଥିବା ଯୁବକ ଯୁବତୀଙ୍କୁ



ନିକାହ କରାଯାଇଥିଲା। ଏହି ଅବସରରେ ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ଚାରାରୋପଣ ମଧ୍ୟ କରାଯାଇଥିଲା। ଆଲ୍‌ହା ହଜରତ୍ ୱେଲଫେୟାର୍ କମିଟି ୯ ବର୍ଷ ହେଲା ନିକାହ କରିଆସୁଛି। ମୋଟ ୧୬ ଯୋଡ଼ା ନିକାହ୍ ହୋଇଥିଲା। ଆଜି ଏହି ଉତ୍ସବରେ ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ରୋହିତ ପୂଜାରୀ, ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣତଗ୍ରାହୀ, ପୂର୍ବତନ ଉପନଗରପାଳ ସିଦ୍ଧାର୍ଥ ସାହା, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସିଦ୍ଧାର୍ଥ ଦାସ, ଡାକ୍ତର ଶଙ୍କର ରାମଚନ୍ଦାନୀ, ଜୁଲିଅସ ଲାର୍କା, ପ୍ରବୀଣ କୁମାର ସିଂଦେଓ, ଗୁରୁଜିତ ସିଂ, କାଳିଆ ଯୋଜନା ରାଜ୍ୟ ଉପଦେଷ୍ଟା ସଞ୍ଜୟ ବାବୁ ପ୍ରମୁଖ ଯୋଗଦେଇ ନବ ଦମ୍ପତିଙ୍କୁ ଆଶୀର୍ବାଦ ଦେଇଥିଲେ। କମିଟି ପକ୍ଷରୁ କନ୍ୟାବିଦାୟ ସମୟରେ ଘରକରଣା ସମାଗ୍ରୀ, ରୋଷେଇ ସମାଗ୍ରୀ, ସଫା, ଆଇରନ, ୱାସିଙ୍ଗମେସିନ ଆଦି ଦିଆଯାଇଥିଲା।

## ସମ୍ବଲପୁର-ତିଲେଇବଣି ଜାତୀୟ ରାଜପଥ

# ୪୦୦ କୋଟି ପାଣିରେ ପଡ଼ିଲା, ମରାମତି ବି ନୋହିଲା

**ସମ୍ବଲପୁର,୧୮।୨(ସମିସ)**

ସମ୍ବଲପୁର ତିଲେଇବଣି ଜାତୀୟ ରାଜପଥ ଚାରି ଥାକିଆ କରାଯାଇଛି। ଏବେ ସଂପୂର୍ଣ୍ଣ କାମ ଶେଷ ହୋଇନାହିଁ। ହେଲେ ରାସ୍ତା କାମ ନିମ୍ନମାନର ହୋଇଥିବାରୁ ରାସ୍ତା ଉପୁଡ଼ି ଯାଉଛି। ରାସ୍ତା ଢେଉ ତରଙ୍ଗ ଭଳିଆ ହୋଇଛି।



ତେଣୁ ଭାରଶ୍ୟାମ ହରାଇ ଗାଡ଼ି ଗୁଡ଼ିକ ଦୁର୍ଘଟଣା ଘଟୁଛି। ଉଚ୍ଚ ସ୍ତରୀୟ ତଦନ୍ତ କରାଯାଉ ବୋଲି ଦାବି ହେଉଛି। ଅଭିଯୋଗ କ୍ରମେ ଏନ୍‌ଏଚଏଆଇ କିମ୍ବା ପ୍ରଶାସନିକ ଅବହେଳା କାରଣରୁ ଏହି ରାସ୍ତା ସାଜିଛି ମରଣଯନ୍ତା। ୪ ଶହ କୋଟି ଟଙ୍କା ପାଣିରେ ପଡ଼ିଲା ବୋଲି ସାଧାରଣରେ ଆଲୋଚନା ହେଉଛି। ମନ୍ଥର ଗତିରେ ଅଗ୍ରଗତି କାମ ଚାଲିଥିଲେ ସୁଦ୍ଧା ନିମ୍ନ ମାନର କାମ ଯୋଗୁଁ ରାସ୍ତା ମଝିରେ ଫାଟ ଓ ଗାତ ଦୁଃଖର କାରଣ ସାଜିଛି। ସିନ୍ଦୁରପଙ୍କରୁ ପଡ଼ିଆବାହାଲ ମଧ୍ୟରେ ବର୍ତ୍ତମାନ ଚାଲିଛି ନୂଆଁ ରାସ୍ତାର ମରାମତି। କିନ୍ତୁ ଧିମାଗତିରେ, ପୁଣି ମନମର୍ଜି ଭାବରେ। ରାସ୍ତା ଖୋଲି ଦେଇଥିଲେ ସୁଦ୍ଧା ମାସ ମାସ ଧରି ଏହି ମରାମତି କାମ ପଡ଼ିରହିଛି। ରାସ୍ତା ଉପରେ ପଡ଼ିରହିଛି ବାଲିବସ୍ତା। ଏଭଳି ଅବସ୍ଥା ସିନ୍ଦୁରପଙ୍କରୁ କବରାପାଲି ଯାଏ ଲମ୍ବିଛି। ପୁଣି ବହୁ ଯାଗାରେ କଂକ୍ରିଣ୍ଟ ରାସ୍ତା ଉପରୁ ସିମେଣ୍ଟ ଉଠି ଅନେକ ଗାତ ହେଲାଣି। ମଝିରୁ ରାସ୍ତା ଫାଟିଲାଣି।

ଏପରିକି କୁଲୁଣ୍ଡି ଛକ ଠାରୁ ଜମନକିରା ପର୍ଯ୍ୟନ୍ତ ରାସ୍ତାରେ ଗୋଟିଏକି ଦୁଇଟି ନୁହେଁ ଶହସ୍ର ଗର୍ତ୍ତ ଖାଲ ହୋଇ ଏହା ମରଣଯନ୍ତା ସାଜିଛି ପଥିକଙ୍କ ପାଇଁ। ଏହି ରାସ୍ତାରେ ଦୈନନ୍ଦିନ ନେତା ଜନତାଙ୍କ ଠାରୁ ଆରମ୍ଭ କରି ବହୁ ଅଧିକାରୀ ଯାଉଥିଲେ ସୁଦ୍ଧା ସେମାନଙ୍କ ନୀରବତା, ପ୍ରତିବାଦ କିମ୍ବା ପ୍ରତିରୋଧ ନଥିବାରୁ ଜାତୀୟ ରାଜପଥ ଆଜି ଲୋକଙ୍କ ପାଇଁ କାଳ ସାଜିଛି। ବଡରମା ଘାଟି ଉପରେ ଘଟୁଛି ବାରମ୍ବାର ଦୁର୍ଘଟଣା। ଘଣ୍ଟା ଘଣ୍ଟା ଧରି ରାସ୍ତା ଜାମ ହେଉଥିଲେ ସୁଦ୍ଧା ଏହି ରାସ୍ତାର ୪ ଥାକିଆ ପାଇଁ ଲମ୍ବୁଛି ସମୟ। ବର୍ଷ ବର୍ଷ ଧରି ଏହି ଜାତୀୟ ରାଜପଥ ଥିଲେବି ଆଜି ଦିନରେବି ସମସ୍ୟା ରହିଛି ସଂରକ୍ଷିତ ଜଙ୍ଗଲ ଅଧିନିୟମର ଅନୁମତି। ୪ ଥାକିଆ ରାସ୍ତା ନେଇ ଏଭଳି ସମସ୍ୟା ଜନସାଧାରଣଙ୍କ ପାଇଁ କେବଳ କାଳ ସାଜିନି ବରଂ ସରକାର ଉପରେବି ଲୋକହସାର କାରଣ ସାଜିଛି।ବାରମ୍ବାର ଘଟଣା ଦୁର୍ଘଟଣା ଘଟୁଥିଲେବି କାହାରି ନଜର ନପଡ଼ିବା କିମ୍ବା ରାସ୍ତା ମରାମତିକୁ ସ୍ୱଚ୍ଛ ଓ ନିର୍ମଳ କରି ସଂପୃକ୍ତ ଠିକା ସଂସ୍ଥାକୁ ତାଗିଦ୍ ନକରିବା ପଛରେ କାରଣ କ'ଣ ବୋଲି ଆଜି ସାଧାରଣରେ ପ୍ରଶ୍ନ ଉଠିଲାଣି। ରାସ୍ତା କାମ ଶେଷ ନକରି ଓ ରାଜପଥକୁ ମରଣଯନ୍ତା ଭିତରେ ରଖି ନିଲଡୁଙ୍ଗରୀ ଠାରେ ଏନଏଚଏଆଇ ଟୋଲପ୍ଲାଜା ବସାଇଦେଲା ସିନା ଟୋଲପ୍ଲାଜର ଆନୁସଙ୍ଗିକ ଦିଗ ପ୍ରତି କିନ୍ତୁ ଆଦୌ ଧ୍ୟାନ ଦିଆଯାଇନି।ପ୍ରାଥମିକ ଚିକିତ୍ସା ଘର ବିଶ୍ରାମଗାରେ ପରିଣତ ହୋଇଥିବା ବେଳେ ପାର୍କ ଏଯାଏ ହୋଇନି। ପଇଦାମାଲ ପୁଡାପଡ଼ାର ସିଧା ରାସ୍ତାକୁ ହଟାଇ ଦିଆଯାଇଥିଲେ ସୁଦ୍ଧା ନିତିଦିନିଆ ରାସ୍ତା ଏଯାଏ ହୋଇପାରିଲାନି।

ସେପଟେ ଗ୍ରାମବାସୀ ଏଥିରେ ଅସନ୍ତୋଷ ପ୍ରକାଶ କରି ବାରମ୍ବାର ଅଭିଯୋଗ କଲା ସତ୍ତ୍ୱେ ମଧ୍ୟ ପୁଲିସର ହସ୍ତକ୍ଷେପ ମଧ୍ୟ ଏଥିରେ କୌଣସି କାମ କଲାନି।ଯେଉଁ ଅବସ୍ଥାକୁ ସେହି ଅବସ୍ଥାରେ ପଡ଼ିଛି ଅଧପନ୍ତରିଆ କଚା ରାସ୍ତା। ସେପଟେ ପଡ଼ିଆବାହାଲର ସର୍ଭିସ ରୋଡ ମଧ୍ୟ ଅଧପନ୍ତରିଆ ହୋଇ ପଡ଼ିଥିବା ବେଳେ ନାଳ କାମ ଅଧାରେ ପଡ଼ିରହିଛି। ଫଳରେ ଦୂଷିତ ଜଳ ନିଷ୍କାସିତ ହୋଇନପାରି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଏବେବି ବଜାର ମଧ୍ୟରେ ଜମି ଅଧିଗ୍ରହଣ ନେଇ ସମସ୍ୟା ଲାଗିରହିଛି।ଏପରିକି ପଡ଼ିଆବାହାଲ ଜାତୀୟ ରାଜପଥର ମେଘପାଳ ଟାମ୍ପରଗଡ଼ କଲେଜ ରାସ୍ତାର ସ୍ଥାୟୀ କାମ ହୋଇପାରିନି।ପଡ଼ିଆବାହାଲରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟ ଆରମ୍ଭରୁ ଅଧାରୁ ଅଧିକ ଜଳୁନଥିବା ବେଳେ ଏଥିପ୍ରତି ମଧ୍ୟ ବିଭାଗୀୟ ନଜର ନପଡ଼ିବା ଅତି ପରିତାପର ବିଷୟ ହୋଇଛି।କଲେଜ ଛକ ଠାରୁ ପଡ଼ିଆବାହାଲ ହସପିଟାଲ ଆଡକୁ କୌଣସି ଷ୍ଟ୍ରିଟ୍ ଲାଇଟ୍ ଜଳୁନି।ଏହି ରାସ୍ତା ଅତି ଜନଗହଳି ଓ ସଭିଙ୍କ ଭରସା ସାଜିଥିବା ସତ୍ତ୍ୱେ ବାରମ୍ବାର ଗୁହାରି କଲେବି ଏନଏଚଏଆଇ ନୀରବଦ୍ରଷ୍ଟା ଭାବେ ବସି ରହିଛି। ଖଲିଆପାଲି, ବିନାୟକଡେରା, ବାରିବନ୍ଧ, କବରାପାଲି, କେନଘାଟି, ପୁଟିବନ୍ଧ, ସିନ୍ଦୁରପଙ୍କ ପ୍ରଭୃତି ସ୍ଥାନରେ ଏଯାଏ ରେଷ୍ଟ ସେଡ ହୋଇପାରିନି। ଏଭଳି ସମସ୍ୟା ଲାଗିରହିଥିବାରୁ ଅଞ୍ଚଳରେ ଦିନକୁ ଦିନ ଅସନ୍ତୋଷ ବଢ଼ିବାରେ ଲାଗିଛି। ତୁରନ୍ତ ଏଦିଗରେ ପଦକ୍ଷେପ ଗ୍ରହଣ ନକଲେ ଆଗାମୀ ଦିନରେ ଏଭଳି ସମସ୍ୟାକୁ ନେଇ ଆନ୍ଦୋଳନର ମୁଣ୍ଡ ଟେକିପାରେ। ଏଣୁ ଏନଏଚଏଆଇ ଏଦିଗରେ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ଉଠିଛି।



## ରେଢ଼ାଖୋଲରେ ବିଶାଳ ସ୍ୱାସ୍ଥ୍ୟ ଶିବିର



**ରେଢ଼ାଖୋଲ, ୧୮।୨(ସମିସ):** ସ୍ଥାନୀୟ ନୂତନ ବସ୍‌ଷ୍ଟାଣ୍ଡଠାରେ ରବିବାର ରେଢ଼ାଖୋଲର ଅଗ୍ରଣୀ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ 'ସୁରଘୁଙ୍ଗୁର' ଆନୁକୂଲ୍ୟରେ ପ୍ରଥମଥର ପାଇଁ ଏକ ବିଶାଳ ସ୍ୱାସ୍ଥ୍ୟ ଶିବିର ହୋଇଯାଇଛି। ଏହି ସ୍ୱାସ୍ଥ୍ୟ ଶିବିରରେ ମୁଖ୍ୟ ଅତିଥି ଭାବରେ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ପ୍ରତ୍ୟୁଷ ରଥ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ସ୍ୱାସ୍ଥ୍ୟ ଶିବିର ସଂଯୋଜକ ସୁବାସ ଚନ୍ଦ୍ର ନାଏକ, ବିଜେଡି ବ୍ଲକ ସଭାପତି ଉଦିତ ତ୍ରିପାଠୀ, ବିଜେଡି ନଗର ସଭାପତି ସିଦ୍ଧାର୍ଥ ପ୍ରଧାନ, ନଗର ଯୁବ ବିଜେଡି ସଭାପତି ବିକାଶ ଦାସ, ସୁରଘୁଙ୍ଗୁର ଅନୁଷ୍ଠାନ ସଭାପତି ସୁଶାନ୍ତ କୁମାର ନାଗ, ସୁନିଲ କୁମାର ପ୍ରଧାନ, ଟିଟୁ ଦେହୁରୀ ସମେତ ସୁରଘୁଙ୍ଗୁର ଅନୁଷ୍ଠାନର ସଦସ୍ୟ ଓ ବିଜେଡି କର୍ମୀ ଉପସ୍ଥିତ ରହିଥିଲେ। ଶିବିରରେ ୧୪୦୦ରୁ ଊର୍ଦ୍ଧ୍ୱ ରୋଗୀ ପଞ୍ଜୀକରଣ କରିଥିବା ବେଳେ ବିଭିନ୍ନ କ୍ଷେତ୍ରରେ ଅଭିଜ୍ଞ ଥିବା ଡାକ୍ତର ଯଥା ଶିଶୁରୋଗ, ଭେଷଜ, ହୃଦ୍‌ରୋଗ, ଅସ୍ଥିଶଲ୍ୟ, ମଧୁମେହ, ସ୍ତ୍ରୀରୋଗ, ଚର୍ମରୋଗ, ଚକ୍ଷୁରୋଗ ଇତ୍ୟାଦି ବିଭାଗର ୨୫ ଜଣ ଡାକ୍ତର ଉପସ୍ଥିତ ରହି ସମସ୍ତ ରୋଗୀମାନଙ୍କୁ ଚିକିତ୍ସା କରିଥିଲେ। ଏଥିରେ ୪୦ ଜଣ ପାରା ମେଡିକାଲ କର୍ମଚାରୀ ଔଷଧ ବିତରଣ ସହିତ ଚିକିତ୍ସା କରିଥିଲେ। ରେଢ଼ାଖୋଲ ଉପଖଣ୍ଡ ମହକୁମାରୁ ବହୁ ସଂଖ୍ୟାରେ ରୋଗୀ ଆସି ଚିକିତ୍ସା କରି ଉପକୃତ ହୋଇଥିବା ଜଣାପଡ଼ିଛି।

## ସରୋଜିନୀ ଦେବୀଙ୍କ ପରଲୋକ

**ସମ୍ବଲପୁର, ୧୮।୨(ସମିସ):** ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ପୂର୍ବତନ ଉପ କୁଳସଚିବ ସ୍ୱର୍ଗତ ଦେବୀପ୍ରସାଦ ତ୍ରିପାଠୀଙ୍କ ସହଧର୍ମିଣୀ ସରୋଜିନୀ ତ୍ରିପାଠୀ (୮୬)ଙ୍କ ଶନିବାର ରାତି ୩ ଟାରେ ପରଲୋକ ହୋଇଯାଇଛି। ବୁର୍ଲା ସ୍ଥିତ ଏକ ଘରୋଇ ନର୍ସିଂହୋମରେ ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ଯୋଗୁଁ ସେ ଗତ ୧୨ଦିନ ହେଲା ଚିକିତ୍ସିତ ହେଉଥିଲେ। ସେ ଜଣେ ପରୋପକାରୀ, ଧର୍ମପ୍ରାଣା ଓ ସ୍ନେହି ମହିଳା ଭାବରେ ବେଶ୍ ପରିଚିତ ଥିଲେ। ରବିବାର ସକାଳେ ଏ.କଟାପାଲି ଗ୍ରାମରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ଏକମାତ୍ର ପୁତ୍ର ଶ୍ରୀବନ୍ତ ତ୍ରିପାଠୀ ମୁଖାଗ୍ନି ଦେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁତ୍ରବଧୂ ପୁଷ୍ପା, ନାତି ଶିବାନନ୍ଦ ତଥା ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ। ଓଡ଼ିଶା ସଂସ୍କୃତି ବିଶ୍ୱ ବିଦ୍ୟାଳୟର ପୂର୍ବତନ କୁଳପତି ଡ. ସାଧୁଚରଣ ପଣ୍ଡା, ବରପାଲି କଲେଜର ପୂର୍ବତନ ଅଧ୍ୟକ୍ଷ କୁମୁଦ ଦାଶ, ରେଶମ କଲେଜର ଅଧ୍ୟକ୍ଷ ଅରୁଣ କୁମାର ପଣ୍ଡା, ସୁବର୍ଣ୍ଣପୁର ଜିଲ୍ଲାର ବରିଷ୍ଠ ଆଇନଜୀବୀ ବ୍ୟୋମକେଶ ଦାଶ, ଅଧ୍ୟାପକ ପ୍ରହଲ୍ଲାଦ ତ୍ରିପାଠୀ ପ୍ରମୁଖଙ୍କ ସମେତ ଗ୍ରାମର ବହୁ ବ୍ୟକ୍ତି ଶବାଧାରରେ ଉପସ୍ଥିତ ରହି ଶେଷ ସମ୍ମାନ ଜଣାଇଥିଲେ।



## ଠେଲକୋଲୋଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ରେଙ୍ଗାଲି, ୧୮।୨(ସମିସ):** ଠେଲକୋଲୋଇସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ରେଙ୍ଗାଲି ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜେଏସ୍‌ଡବ୍ଲ୍ୟୁର ସିଏସ୍‌ଆର୍ ଅଧ୍ୟକ୍ଷ ବିଶାଳ ରାଜ, ଖିଣ୍ଡା ଭିଏସ୍‌ଏସ୍ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୁର୍ଗା ପ୍ରସାଦ ସାହୁ, ଠେଲକୋଲୋଇ ସରପଞ୍ଚ ଅବନ୍ତି ନାୟକ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ମହେନ୍ଦ୍ର ବାଗ, ସଭାପତି ଗୁଣନିଧି ନାୟକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମାଧୁରୀ ମିଶ୍ର ମଞ୍ଚ ପରିଚାଳନା କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ସୁସ୍ମିତା ପ୍ରଧାନ ଅତିଥି ପ୍ରଦାନ କରିଥିଲେ। ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ପଦ୍ମନାଭ ନାଏକ ସଭା ପରିଚାଳନା କରିଥିଲେ। ବିଦ୍ୟାଳୟରେ ଜଣେ ଛାତ୍ରର କର୍ତ୍ତବ୍ୟ ଏବଂ ଜଣେ ଭଲ ଛାତ୍ର ପାଇଁ ବିଦ୍ୟାଳୟର ଆବଶ୍ୟକତା ଉପରେ ମୁଖ୍ୟ ଅତିଥି ଆଲୋକପାତ କରିଥିଲେ। ଜଣେ ଛାତ୍ର ପ୍ରତି ଅଭିଭାବକଙ୍କ କାମ କ'ଣ ତାହା ବର୍ଣ୍ଣନା କରିଥିଲେ ମହେନ୍ଦ୍ର ବାଗ। ପୁରାତନ ସଭାପତି ବିରଞ୍ଚି ନାଥ, ଅଶ୍ୱିନୀ ନାଥ, ପୂର୍ଣ୍ଣଚନ୍ଦ୍ର ନାଥ ଓ ସୁମନ୍ତ ନାଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ରାତ୍ର ଭୋଜନ ଖାଇ ୧୦ ଛାତ୍ରଛାତ୍ରୀ ଅସୁସ୍ଥ

**କୁଚିଣ୍ଡା, ୧୮।୨(ସମିସ):** ମହୁଲପାଲି ଥାନା କେଶେଇବାହାଲ ନିକଟସ୍ଥ ସାଲୋହୀ ଆଶ୍ରମ ସ୍କୁଲରେ ଗତ ଶନିବାର ରାତିରେ ଭୋଜନ ଖାଇବା ପରେ ବହୁ ଛାତ୍ରଛାତ୍ରୀ ଝାଡ଼ାରେ ଆକ୍ରାନ୍ତ ହୋଇଥିଲେ। କିଛି ଛାତ୍ରଛାତ୍ରୀଙ୍କୁ ନିକଟସ୍ଥ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଥିବା ବେଳେ ତନ୍ମଧ୍ୟରୁ ରିଙ୍କି କିସାନ(୧୨), ପୂଜା ସୁନାନୀ(୧୩), ଅନିତା ଖଡ଼ିଆ(୧୦), ସୀମା କିସାନ (୧୧), କ୍ଷୀରୋଦିନି କିସାନ(୧୧), ଜ୍ୟୋତି ସାମତ, ରୀନା ଖଡ଼ିଆ(୧୨), ରାଧବ ବାହାଲି (୬) ଏବଂ ଆଲିଆ କାଣ୍ଡୁଲାନା(୭)ଙ୍କ ଅବସ୍ଥା ଅଧିକ ଗୁରୁତର ହେବାରୁ ରାତିରେ କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏବେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଜଣାପଡ଼ିଛି। ଝାଡ଼ାର ପ୍ରକୃତ କାରଣ ଜଣାପଡ଼ି ନାହିଁ। ନଳକୂପ ପାଣିରୁ ଏପରି କିଛି ହୋଇଥାଇ ପାରେ ବୋଲି ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିବା ଦେବେନ୍ଦ୍ର ପ୍ରଧାନ ଆଶଙ୍କା କରିଛନ୍ତି। ଆଶ୍ରମ ସ୍କୁଲରେ ଛାତ୍ରାବାସରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ୧୧୬ ଜଣ ଛାତ୍ରଛାତ୍ରୀ ରହୁଛନ୍ତି। ବହୁ ସମୟରେ ଏପରି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରକୃତ କାରଣ ତଦନ୍ତ କରି ନିରାକରଣ ବ୍ୟବସ୍ଥା କରାଯାଉ ବୋଲି ଅଭିଭାବକମାନେ ଦାବି କରିଛନ୍ତି।





## ଜମନକିରା ବ୍ଲକସ୍ତରୀୟ ସାଂସ୍କୃତିକ ମହୋତ୍ସବ

**ସମ୍ବଲପୁର, ୧୮।୨(ସମିସ):** ଜମନକିରା ବ୍ଲକସ୍ତରୀୟ ସାଂସ୍କୃତିକ ମହୋତ୍ସବ ଷଣ୍ଢପଥର ଖେଳପଡ଼ିଆରେ ହୋଇଯାଇଛି। ଏଥିରେ ବ୍ଲକ ଅଞ୍ଚଳରୁ ମୋଟ ୧୦ଗୋଟି ନୃତ୍ୟଦଳ ଅଂଶ ଗ୍ରହଣ କରିଥିବା ବେଳେ ୩ଗୋଟି ଦଳ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ। ସେମାନେ ଆସନ୍ତା ଦିନରେ ଜିଲ୍ଲା ସ୍ତରୀୟ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗନେବେ ବୋଲି ବିଡ଼ିଓ ରୀନା ନାଏକ ପ୍ରକାଶ କରିଛନ୍ତି। ପ୍ରଥମ ସ୍ଥାନ ଶିରିଡ ପଞ୍ଚାୟତ ଗଦାଧରପୁର ଲୋକମୁଣ୍ଡାରି ନୃତ୍ୟ ହାସଲ କରିଥିବା ବେଳେ ଦ୍ୱିତୀୟ ସ୍ଥାନ ଟିକିଲିପଡ଼ା କିଷାନ ନୃତ୍ୟ କରିଥିଲା। ସେହିପରି ତୃତାୟ ସ୍ଥାନ କସଡା ପଞ୍ଚାୟତ ର କରମା ଦଳ ହାସଲ କରିଥିଲା। ବିଡ଼ିଓ ରୀନା ନାଏକ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୁଚିଣ୍ଡା ଉପଜିଲ୍ଲାପାଳ ହେମାସାଗର ଭୋଇ ଯୋଗ ଦେଇ ଉଦଘାଟନ କରିଥିବା ବେଳେ ସମ୍ମାନୀୟ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧକ୍ଷା ରେଖା ମୁଣ୍ଡା, ଏବିଡିଓ ରବୀନ୍ଦ୍ର ରଣା ଓ ପଞ୍ଚାୟତ ସରପଞ୍ଚ ସମୂହ ମଞ୍ଚାସିନ ଥିଲେ। ବିଚାରକ ଭାବେ ବରିଷ୍ଠ ନାଟ୍ୟକାର ସୁରଥ ନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲୀପ ବହିଦାର, ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ଜଗତ ଓ କଳାକାର ସଂଘ ଉପ-ସଭାପତି ଉମାକାନ୍ତ ଅର୍କ ପ୍ରମୁଖ ଚୟନ କାର୍ଯ୍ୟ ତୁଲେଇ ଥିଲେ। କାର୍ଯ୍ୟକ୍ରମକୁ ଓମପ୍ରକାଶ ଶର୍ମା ପରିଚାଳନା କରିଥିବା ବେଳେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଐଶର୍ଯ୍ୟ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ୮୦୦ରୁ ଅଧିକ କଳାକାର ଉପସ୍ଥିତ ଥିଲେ।



## ଶିଶୁ ବିଦ୍ୟା ମନ୍ଦିରରେ 'ଘର ହିଁ ବିଦ୍ୟାଳୟ' କାର୍ଯ୍ୟକ୍ରମ

**ହୀରାକୁଦ, ୧୮।୨(ସମିସ):** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ନୂତନ ଅଭିଭାବିକ ଅଭିଭାବିକା ମାନଙ୍କର ପ୍ରଥମ ପର୍ଯ୍ୟାୟ ଘର ହିଁ ବିଦ୍ୟାଳୟ ପ୍ରକଳ୍ପ(ପରିବାର ପ୍ରଶିକ୍ଷଣ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଶ୍ରୀନିବାସ ପଣ୍ଡା ଅତିଥି ରୂପେ ଯୋଗଦେଇ ଶିଶୁ ଶିକ୍ଷାର ଭାରତୀୟ ଓ ପାଶ୍ଚାତ୍ୟ ସଂକଳ୍ପନା ଏବଂ ଶିଶୁ ଶିକ୍ଷାରେ ବର୍ତ୍ତମାନ ସ୍ଥିତି ବିଷୟରେ ମାର୍ଗଦର୍ଶନ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରତାପ କୁମାର ନାୟକ ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିବା ସହିତ ବର୍ତ୍ତମାନ ସ୍ଥିତିରେ ମାତାପିତାଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ। ଶିଶୁବାଟିକା ପ୍ରମୁଖ ସୁଶାନ୍ତ କୁମାର ବେହେରା ପରିଚୟ ପ୍ରଦାନ କରିଥିଲେ। ଶିଶୁବାଟିକା ଆଚାର୍ଯ୍ୟା ମମତା ଗୌଡ଼ ବୌଦ୍ଧିକ ପରିଚାଳନା କରିଥିଲେ। ଶିଶୁମାନେ ସ୍ୱାଗତ ଗୀତ ଏବଂ ଘର ଏକ ଛୋଟ ମନ୍ଦିର ଗୀତରେ ନୃତ୍ୟ ପରିବେଷଣ କରିଥିଲେ। ଆଚାର୍ଯ୍ୟ ରଞ୍ଜନ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ବନ୍ୟଜନ୍ତୁ ସୁରକ୍ଷା ସଚେତନତା ଶିବିର

**ରେଙ୍ଗାଲି, ୧୮।୨(ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବନାଞ୍ଚଳ ଅଧିକାରୀ ସୁଜାତା ପଟେଲଙ୍କ ତତ୍ତ୍ୱାବଧାନରେ ବନ୍ୟଜନ୍ତୁ ସୁରକ୍ଷା, ବନଜୀବନ ରକ୍ଷା, ବନାଗ୍ନି ନିୟନ୍ତ୍ରଣ ନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଗୁରୁବାର ଅନୁଷ୍ଠିତ ଏହି ଶିବିରରେ ବନ୍ୟଜନ୍ତୁଙ୍କ ଠାରୁ ଗ୍ରାମବାସୀଙ୍କ ସୁରକ୍ଷା, ବାର୍ଷିକ ଖସଡ଼ା ବିଷୟରେ ଆଲୋଚନା କରାଯାଇଥିଲା। ଏହି ଶିବିରରେ ବନପାଳ ସୁନୀତା ଗଡ୍ଡିରିଆ, କ୍ଷେତ୍ର ସଂଯୋଜକ ସବିତା ପଟେଲଙ୍କ ସହ ବନ ସୁରକ୍ଷା ସମିତିର ସଦସ୍ୟ, ଗ୍ରାମବାସୀ ଓ ସ୍ୱୟଂ ସହାୟକ ଗୋଷ୍ଠୀମାନେ ଯୋଗ ଦେଇଥିଲେ। ଶେଷରେ ବନାଗ୍ନି ନିୟନ୍ତ୍ରଣ ପାଇଁ ଶପଥ ପାଠ ଓ ଗ୍ରାମ ପରିକ୍ରମା କରାଯାଇଥିଲା।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ରେଙ୍ଗାଲି, ୧୮।୨(ସମିସ):** ହୋପ୍ ସ୍କୋପ୍ ଗାଡ଼ି ପ୍ରଶିକ୍ଷଣ କେନ୍ଦ୍ର ତରଫରୁ ଏକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ରୁକମୁନି ଲାଲ ବାଲ୍ ନିକେତନ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିଜୁ ଏକ୍ସପ୍ରେସ-ୱେ ରାଜ୍ୟରାଜପଥ-୧୦ ଏଲ୍‌ଏନ୍‌ଟି ମାର୍ଗ ସୁରକ୍ଷା ଅଧିକାରୀ ମନୋଜ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ହେଲମେଟ୍, ସିଟ୍ ବେଲ୍ଟ ପିନ୍ଧି ଯାନ ଚଳାଇବା ପାଇଁ ସଚେତନତା କରାଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷଣ କେନ୍ଦ୍ରର ମନୋରଞ୍ଜନ ପ୍ରଧାନ, ମନୋରଞ୍ଜନ ବେହେରା, ଅର୍ଚ୍ଚନା ବେହେରା ଏବଂ ଅନ୍ୟ ସଦସ୍ୟ ଉପସ୍ଥିତ ରହି ସଡ଼କ ସୁରକ୍ଷା ବିଷୟରେ ଅବଗତି କରାଇଥିଲେ। କାର୍ଯ୍ୟକ୍ରମରେ ଅନାଥ ଛାତ୍ରଛାତ୍ରୀ ମାନଙ୍କୁ ରାସ୍ତା ସୁରକ୍ଷା ଉପରେ ଏକ ଶପଥ ପାଠ କରାଯାଇଥିଲା।

## ବ୍ଲକସ୍ତରୀୟ ଜନଜାତି ସାଂସ୍କୃତିକ ମହୋତ୍ସବ

**ସମ୍ବଲପୁର, ୧୮।୨(ସମିସ):** ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ କିସିଣ୍ଡା ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆଠାରେ ରବିବାର ଦିନ ବ୍ଲକ ସ୍ତରୀୟ ଜନଜାତି ସାଂସ୍କୃତିକ ମହୋତ୍ସବ ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ହୋଇଯାଇଛି। ଏହି ସାଂସ୍କୃତିକ ମହୋତ୍ସବରେ ବ୍ଲକର ବିଭିନ୍ନ ପଞ୍ଚାୟତ ରୁ ୧୦ଟି ଆଦିବାସୀ ସାଂସ୍କୃତିକ ଦଳ ଅଂଶ ଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ଘୋଷରାମାଳ ପଞ୍ଚାୟତ ବଡ଼ମାଳ ଦଳ ଏବଂ ପାଣିମୁରା ପଞ୍ଚାୟତ ଶଗଡ଼ପଟା ଆଦିବାସୀ ନୃତ୍ୟ ଦଳ ଶ୍ରେଷ୍ଠ ବିବେଚିତ ହୋଇ ଜିଲ୍ଲା ସ୍ତରକୁ ମନୋନୀତ ହୋଇଛନ୍ତି। ଏଥିରେ ବିଚାରକ ଭାବେ ନାକଟିଦେଉଳ ବ୍ଲକର ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ଅଶୋକ କୁମାର ଟାଲୀ ଏବଂ ଅତିରିକ୍ତ ବ୍ଲକ କାର୍ଯ୍ୟକ୍ରମ ଅଧିକାରୀ ସୁବାଷ କୁମାର ବେହେରା ଯୋଗଦେଇଥିଲେ। ନାକଟିଦେଉଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦନାଇ ଚରଣ ଟୁଡୁ ଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଦର୍ଶନ ସାହୁ, ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ବ୍ଲକ ଅଧିକାରୀ ବିଦ୍ୟାଧର ରାଉତରାୟ, କିସିଣ୍ଡା ପଞ୍ଚାୟତ ସରପଞ୍ଚ ରୀନା ନାଏକ, ସମିତି ସଭ୍ୟକ୍ଷ ଯଜ୍ଞସେନୀ କୁଅଁର, ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶିଙ୍କ ବ୍ଲକ ପ୍ରତିନିଧି ତଥା ଆଦିବାସୀ ନେତା ମହେନ୍ଦ୍ର କୁଅଁର, ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ଉପସଭାପତି ରୋହିତ ଭୋଇ, କିସିଣ୍ଡାର ପୂର୍ବତନ ସରପଞ୍ଚ ବାସନ୍ତୀ କୁମୁରା ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ବିଭାଗ ପକ୍ଷରୁ ଆଦିବାସୀ ଜନଜାତିଙ୍କ ଉନ୍ନତି ପାଇଁ ସରକାର କାର୍ଯ୍ୟକାରୀ କରି ଆସୁଥିବା ବିଭିନ୍ନ ଯୋଜନା ଗୁଡିକ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସମସ୍ତ ପ୍ରତିଯୋଗୀ ଦଳକୁ ଅତିଥି ମାନେ ପୁରସ୍କୃତ କରିଥିଲେ। ଏହି ଜନଜାତି ସାଂସ୍କୃତିକ ମହୋତ୍ସବ ରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭାବଗ୍ରାହୀ ନାଏକ ଏବଂ ସମସ୍ତ ଗ୍ରାମ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଆରଏସ, ବ୍ଲକର କନିଷ୍ଠ ଯନ୍ତ୍ରୀ ଙ୍କ ସମେତ ସମସ୍ତ କର୍ମଚାରୀ ମାନେ ସହଯୋଗ କରିଥିଲେ।




## ସମ୍ବଲପୁର ଏସ୍‌ଡିଏର ଏକାଧିକ ପ୍ରକଳ୍ପ ଅସମ୍ପୂର୍ଣ୍ଣ

# ରାଜସ୍ୱ ହାନୀ, ନଷ୍ଟ ହେଉଛି ଯନ୍ତ୍ରାଂଶ; ମରିଯାଉଛି ଗଛ

**ସମ୍ବଲପୁର, ୧୮।୨(ସମିସ)**

ସମ୍ବଲପୁରର ବିକାଶ ପାଇଁ ସରକାର ୧୯୮୫ ମସିହାରେ ସ୍ୱତନ୍ତ୍ର ଭାବେ ସମ୍ବଲପୁର ଉନ୍ନୟନ ପ୍ରାଧୀକରଣ ସଂସ୍ଥା ଗଠନ କରିଥିଲେ। ଏହି ସଂସ୍ଥା ସମ୍ବଲପୁର ସହରର ବିକାଶରେ ସହାୟକ ହୋଇଆସୁଛି। ଏତେବର୍ଷ ଭିତରେ ଅନେକ ଉନ୍ନୟନ କାମ ଏସ୍‌ଡିଏ ହାତକୁ ନେଇ ସମ୍ପୂର୍ଣ୍ଣ କରି ସାରିଛି। ହେଲେ କିଛିବର୍ଷ ହେବ ଏସ୍‌ଡିଏ ତାର ମୁଖ୍ୟ ଦାୟିତ୍ୱରୁ ଓହରି ଯାଇଥିବା ଅଭିଯୋଗ ହେଉଛି। ଏକାଧିକ ପ୍ରକଳ୍ପ ଆଜି ମଧ୍ୟ ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଛି। ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପ ଯେଭଳି ପାର୍କ, ଦୋକାନ ଗୃହ ଅବହେଳିତ ହୋଇ ପଡ଼ିରହିଛି। ଏସ୍‌ଡିଏ ପ୍ରାଧୀକରଣ କାମଚଳା ଭାବେ ଚାଲୁଛି ବୋଲି ବୁଦ୍ଧିଜୀବୀ ମାନେ ମତ ଦେଉଛନ୍ତି। ପ୍ରକଳ୍ପର କାର୍ଯ୍ୟ ଅସମ୍ପୂର୍ଣ୍ଣ ଅବସ୍ଥାରେ ଥିବାରୁ ଏସ୍‌ଡିଏ ରାଜସ୍ୱ ମଧ୍ୟ ହରାଉଛି। ରାଜ୍ୟ ସରକାରଙ୍କ ସହରାଞ୍ଚଳର ବିକାଶ ଯୋଜନା ବଡ଼ ବଡ଼ କୋଠା, ମଲ, ଦୋକାନ ମାଳା, ପାର୍କ, ରାସ୍ତା ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟ ଉନ୍ନୟନ ପ୍ରାଧୀକରଣ ଦ୍ୱାରା ହୋଇପାରୁ ନାହିଁ। ଏଥିସହ ସମ୍ବଲପୁର ବିକାଶରେ ମୁଖ୍ୟ ଭୂମିକା ନେଉଥିବା ସମନ୍ୱିତ ବିକାଶ ଯୋଜନା (ସିଡ଼ିପି) ମଧ୍ୟ ପରିଚାଳନା ହୋଇପାରୁ ନାହିଁ। ଏସ୍‌ଡିଏର ଅନେକ ରାଜସ୍ୱ ଆଦାୟକାରୀ ପ୍ରସ୍ତାବିତ ପ୍ରକଳ୍ପ ଗୁଡ଼ିକ ଅସମ୍ପୂର୍ଣ୍ଣ ଅବସ୍ଥାରେ ଥିବାରୁ ଏହି ସଂସ୍ଥା ବର୍ଷକୁ କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛି। ସମ୍ବଲପୁର ସହର ସମେତ ରଙ୍ଗାଲି, ଧନକଉଡ଼ା, ମାନେଶ୍ୱର ବ୍ଲକର ୬୭ରୁ ଅଧିକ ଗାଁ ସମ୍ବଲପୁର ଉନ୍ନୟନ ପ୍ରାଧୀକରଣ ଅଧାନରେ ରହିଛି। ଏପରିକି



ଯୁଯୁମୁରା ବ୍ଲକର କେତେକ ଗାଁ ଉନ୍ନୟନ ପ୍ରାଧୀକରଣ ଅଧାନରେ ସାମିଲ କରିବାକୁ ୨୦୧୯ ଅକ୍ଟୋବର ଆଗରୁ ପ୍ରସ୍ତାବ ଗୃହୀତ ହୋଇଥିଲା। ବୁର୍ଲା ଠାରେ ନିର୍ମାଣ ହେଉଥିବା ତିନି ମହଲା କୋଠା, ଦୋକାନା ମାଳା, ବସ୍‌ଷ୍ଟାଣ୍ଡ ନିକଟସ୍ଥ କୋଠା, ଏସ୍‌ଆର୍‌ଆଇଟି କଲୋନୀ, ରେଙ୍ଗାଲି ଠାରେ ନିର୍ମାଣ ହେଉଥିବା ପାର୍କ, ଫିରୋଡ଼ ନିକଟସ୍ଥ ଗୌରୀ ଶଙ୍କର ସାହାଣୀ ପାର୍କ, କମିଶନର କଲୋନୀ ଗାନ୍ଧୀ ପାର୍କ ଆଦିର ରକ୍ଷଣାବେକ୍ଷଣ ଅଭାବ ଯୋଗୁଁ ଲୋକମାନେ ଯିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ଉକ୍ତ ପାର୍କ ଗୁଡିକ ଏବେ ସମ୍ବଲପୁର ମହାନଗର ନିଗମ ଅଧିନରେ ପରିଚାଳିତ ହେଉଛି।

ଟାଙ୍ଗନାନାଳାର ଉଭୟ ପାର୍ଶ୍ୱରେ ସମ୍ବଲପୁର ଉନ୍ନୟନ ପ୍ରାଧୀକରଣର ପ୍ରକଳ୍ପ ଅସମ୍ପୂର୍ଣ୍ଣ ରହିଛି। ଏଥିସହ ସମ୍ବଲପୁର ସହରର ବିଭିନ୍ନ ସ୍ଥାନରେ ଉଠାଦୋକାନୀଙ୍କୁ ଥଇଥାନ କରିବା ପାଇଁ ଅନେକ ଦୋକାନ ନିର୍ମାଣ, ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର କୋଠା, ବିଭିନ୍ନ ଛକ ସୌନ୍ଦର୍ଯ୍ୟକରଣ ଓ ବୁର୍ଲାରେ ସୌନ୍ଦର୍ଯ୍ୟକରଣ ଆଦି ଯୋଜନା ଅଟକି ରହିଛି। ୨୦୧୮ ଜାନୁୟାରୀ ୨ତାରିଖ ରେଙ୍ଗାଲିରେ ପାର୍କ ଲୋକାର୍ପଣ କରାଯାଇଥିଲା। ପ୍ରାୟ ୫ଏକର ଜମିରେ ପାର୍କ ରହିଛି। ବିରାଟ ଜାଗାରେ ପାଥ୍‌ୱେ, ପୋଖରୀ ଖନନ କାମ, ଜଳ ନିଷ୍କାସନ ପାଇଁ ଛୋଟ ପୋଲ ନିର୍ମାଣ, ଟିକଟ ଘର, ଷ୍ଟୋରକୋଠରି ଇତ୍ୟାଦି ନିର୍ମିତ୍ତ ହୋଇଥିଲା। ମୁଖ୍ୟ ରାସ୍ତାରୁ ରାସ୍ତା ମଧ୍ୟ ନିର୍ମାଣ ହୋଇଥିଲା। ପୋଖରୀରେ ବୋଟ୍ (ଡଙ୍ଗା) ଚାଳନା ଏବଂ କ୍ରୀଡ଼ା ସାମଗ୍ରୀମାନ ଲାଗିରହିଥିଲା। ହେଲେ ଏବେ ପାର୍କରେ ଅନାବନା ଘାସ ହୋଇଥିବା ବେଳେ ବୋଟ୍‌ର ଯନ୍ତ୍ରପାତି ବର୍ଷାରେ ନଷ୍ଟ ହେବାକୁ ଯାଉଛି।

# ମୃତ୍ୟୁ ପରେ କ୍ଷୀରୋଦ ନାଏକଙ୍କ ଅଙ୍ଗଦାନ

**ଝାରସୁଗୁଡ଼ା, ୧୮।୨(ସମିସ):** ଅଙ୍ଗଦାନ ମହାଦାନ କେବଳ ସ୍ଲୋଗାନ ନୁହଁ ଏହା ଏକ ବ୍ରତ ତାହା କେବଳ କଥାରେ ନୁହଁ କାମରେ କରିଦେଖେଇ ଦେଖାଇଛନ୍ତି ଝାରସୁଗୁଗୁଡ଼ା ସରବାହାଲର କ୍ଷୀରୋଦ ଚନ୍ଦ୍ର ନାଏକ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧିନ ଅବସ୍ଥାରେ କ୍ଷୀରୋଦଙ୍କର ରବିବାର ଅପରାହ୍ନରେ

## ରାଷ୍ଟ୍ରୀୟ ମର୍ଯ୍ୟାଦାରେ ହେବ ଶେଷକୃତ



ମୃତ୍ୟୁ ଘଟିଥିଲା। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ଝାରସୁଗୁଡ଼ାର ସହର ପରିକ୍ରମା କରାଯାଇଥିଲା। କ୍ଷୀରୋଦଙ୍କ ଇଚ୍ଛା ଅନୁସାରେ ତାଙ୍କ ମରଶରୀରକୁ ବୁର୍ଲା ଭିମସାରକୁ ହସ୍ତାନ୍ତର କରାଯାଇଛି। ଫଳରେ କ୍ଷୀରୋଦଙ୍କ ଆଖିକୁ ତୁରନ୍ତ ଜଣେ ରୋଗୀଙ୍କଠାରେ ରୋପଣ କରାଯାଇଛି। ସ୍ୱର୍ଗତ କ୍ଷୀରୋଦଙ୍କ ଜନ୍ମସ୍ଥାନ ଜଗତସିଂହପୁର ଜିଲ୍ଲାର ରଘୁନାଥପାଲି ଗାଁରେ। ତାଙ୍କର କର୍ମଭୂମୀ ଥିଲା ଝାରସୁଗୁଡ଼ା। ସେ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡ୍ରାଇଭର ଭାବେ ଚାକିରି କରି ଗତ ୨୦୦୬ ମସିହାରେ ଅବସର ନେଇଥିଲେ। ଚାକିରି ସମୟରେ କ୍ଷୀରୋଦ ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ଗାଁରେ ନାଟକ ନିର୍ଦ୍ଦେଶନା ଦେଇ ନାଟକର ବିକାଶ ଦିଗରେ କାର୍ଯ୍ୟ କରୁଥିଲେ। ଅବସର ପରେ ସେ ଆହୁରି ଅଧିକ କଳା କ୍ଷେତ୍ରରେ ସକ୍ରିୟ ହୋଇଥିଲେ। କ୍ଷୀରୋଦ ଗତ ୨୦୧୪ ମସିହାରେ ଶରୀର ଦାନ ପାଇଁ ଇଚ୍ଛା ପ୍ରକଟ କରି ଦଧିଚି ସମ୍ମାନରେ ସମ୍ମାନିତ ହୋଇଥିଲେ। ଆସନ୍ତାକାଲି ରାଷ୍ଟ୍ରୀୟ ମର୍ଯ୍ୟାଦାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ।

# ମଣ୍ଡଳିଆ ଅଞ୍ଚଳରୁ ୨ ଅଜଗର ଉଦ୍ଧାର

**ବ୍ରଜରାଜନଗର, ୧୮।୨ (ସମିସ):** ବ୍ରଜରାଜନଗର ପୌର ପରିଷଦ ଅନ୍ତର୍ଗତ ମଣ୍ଡଳିଆ ୱାର୍ଡ ନମ୍ବର-୦୧ ଫୋରପିଟ୍ ଅଞ୍ଚଳରୁ ଦୁଇଗୋଟି ଅଜଗର ଉଦ୍ଧାର କରାଯାଇଛି। ଜଣେ ବ୍ୟକ୍ତିଙ୍କ ଘର ପଛ ପଟେ ଏହି ଦୁଇଟି ଅଜଗର ସାପ ଥିବା ନେଇ ସାପ ଧରାଳି ଶ୍ରୀରାମ ଗଡ଼ନାୟକଙ୍କୁ ସୂଚନା ଦିଆଯାଇଥିଲା। ସାପ ଧରାଳି ଶ୍ରୀରାମ ଘଟଣାସ୍ଥଳରେ ପହଞ୍ଚି ସାପ ଦୁଇଟିକୁ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରିଥିଲେ। ଉଦ୍ଧାର ହୋଇଥିବା ଗୋଟିଏ ଅଜଗର ୮ ଫୁଟ ଲମ୍ବ ଓ ୧୨ କେଜି ହୋଇଥିବା ବେଳେ ଅନ୍ୟ ସାପଟି ୭ ଫୁଟ ଲମ୍ବ ଓ ୬ କେଜି ଓଜନ ବିଶିଷ୍ଟ ରହିଥିଲା। ଏ ସମ୍ପର୍କରେ ବନ ବିଭାଗକୁ ଜଣାଇବାରେ ପ୍ରଭୁଜିତ ବାରିକ ଓ ଯୋଗେଶ୍ୱର ଦେହୁରୀଙ୍କ ସହଯୋଗରେ ଉଭୟ ସାପକୁ ଆମ୍ବଦରହ ଜଙ୍ଗଲରେ ଛାଡ଼ି ଦିଆଯାଇଛି।



## କନ୍ୟା ଭ୍ରୂଣ ହତ୍ୟା ନିଷେଧ ଉପଦେଷ୍ଟାମଣ୍ଡଳୀ ଓ ପଲ୍ସ ପୋଲିଓ ଟାସ୍କଫୋର୍ସ ବୈଠକ

# ଜିଲ୍ଲାର ୪୮,୮୭୩ ଶିଶୁଙ୍କୁ ପୋଲିଓ ଦେବାକୁ ଲକ୍ଷ୍ୟଧାର୍ଯ୍ୟ

**ଝାରସୁଗୁଡ଼ା, ୧୮।୨(ସମିସ)**

ଜିଲ୍ଲାରେ କନ୍ୟା ଭ୍ରୂଣ ହତ୍ୟା ନିଷେଧ କରାଯିବା ସହ ଲିଙ୍ଗ ନିରୂପଣ ଆଇନକୁ କଡାକଡି ଭାବରେ ପାଳନ କରିବା ସକାଶେ ଉପଦେଷ୍ଟା ମଣ୍ଡଳୀ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଜିଲ୍ଲାର କୌଣସି ଅଲ୍ଟ୍ରାସାଉଣ୍ଡ କ୍ଲିନିକରେ ଲିଙ୍ଗ ନିରୂପଣ କରାଯାଉଥିଲେ ସମ୍ପୃକ୍ତ କ୍ଲିନିକ ପରିଚାଳନା କରୁଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ ଆଇନ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଓ ଲିଙ୍ଗ ନିରୂପଣ କରାଯାଉଥିବା କ୍ଲିନିକ ସମ୍ପର୍କରେ ସୂଚନା ପ୍ରଦାନକାରୀଙ୍କୁ ପଚିଶ ହଜାର ଟଙ୍କା ଦିଆଯିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ଏ ଦିଗରେ ବ୍ୟାପକ ସଚେତନତା ସୃଷ୍ଟି ପାଇଁ ପଦକ୍ଷେପ ନେବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ବୈଠକରେ ଆସନ୍ତା ମାର୍ଚ୍ଚ ୩ ତାରିଖରେ ଜିଲ୍ଲାରେ ଜନ୍ମରୁ ପାଞ୍ଚ ବର୍ଷ ବୟସର ଶିଶୁମାନଙ୍କୁ ପୋଲିଓ ବୁନ୍ଦା ଖୁଆଇବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ୩ ତାରିଖ ସକାଳ ୮ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଜିଲ୍ଲାର ୫୩୦ଟି କେନ୍ଦ୍ରରେ ଜନ୍ମରୁ ୫ବର୍ଷ ବୟସର ୪୮୮୭୩ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ଏହି କାର୍ଯ୍ୟରେ ୭୬ ଜଣ ସ୍ୱାସ୍ଥ୍ୟ କର୍ମୀ, ୬୩୯ଜଣ ଆଶା କର୍ମୀ ଓ ୯୬୭ ଜଣ ଅଙ୍ଗନବାଡ଼ି କର୍ମୀ ନିୟୋଜିତ ହେବେ ବୋଲି ସୂଚନା ଦିଆଯାଇଛି। ଏଥିପାଇଁ ୨୦ଟି ଟ୍ରାନଜିଟ୍ ପଏଣ୍ଟ ଧାର୍ଯ୍ୟ କରାଯାଇଛି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡା, ଡିପିଏମ୍ ବୁଲୁନାଥ ସାହୁ, ଡିଏମ୍ଆରସିଏଚ୍ ଦୀପ୍ତି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଓଏସଏପିସ୍ଥିତ ଅଙ୍ଗନବାଡ଼ି କେନ୍ଦ୍ରରେ ମାର୍ଚ୍ଚ ୩ତାରିଖ ଦିନ ପଲସ ପୋଲିଓ ବୁନ୍ଦା ବିତରଣ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯିବ।

# କାଣ୍ଡ ପଡ଼ି ୩ ମହିଳା ଆହତ

**ଝାରସୁଗୁଡ଼ା, ୧୮।୨(ସମିସ):** ଝାରସୁଗୁଡ଼ା ଟାଉନ ଥାନା ଅନ୍ତର୍ଗତ ସରବାହାଲ କୁମ୍ଭାରପଡ଼ାଠାରେ ଏକ ପୁରୁଣା କାନ୍ଥ ଭୁସୁଡ଼ି ପଡ଼ି ୩ଜଣ ଗୁରୁତର ଆହତ ହୋଇଛନ୍ତି। ସୂଚନାନୁସାରେ ରବିବାର ସନ୍ଧ୍ୟା ସାଢ଼େ ୫ଟା ବେଳେ ମାରୱାଡ଼ିପଡ଼ା ବାସିନ୍ଦା ବିମଳ ଗୋନ୍ଦିଆଙ୍କର ଏକ ଦୁଇ ମହଲା ପୁରୁଣା କୋଠାର ଉପର କାନ୍ଥ ଦୁର୍ବଳ ହୋଇ ଭାଙ୍ଗି ପଡ଼ିଥିଲା। ଉକ୍ତ ଭଙ୍ଗା କାନ୍ଥ ନିକଟସ୍ଥ କପିଳ ଗଡ଼ନାୟକଙ୍କ ମାଟି ଖପର ଘରେ ପଡ଼ିବାରୁ ଘରେ ରୋଷେଇ କରୁଥିବା ତାଙ୍କ ପତ୍ନୀ ଝୁନୁ ଗଡ଼ନାୟକ (୫୫) ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ସମଲେଶ୍ୱରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେହିପରି କାନ୍ଥର ଅତଡ଼ା ପାଖରେ ଥିବା ପଡ଼ୋଶୀ ଶୋଭେଶ ତ୍ରିପାଠୀଙ୍କ ଘର ଉପରେ ପଡ଼ିବାରୁ ପତ୍ନୀ ମିତା ତ୍ରିପାଠୀ (୪୦) ମଧ୍ୟ ଗୁରୁତର ହୋଇ ସରବାହାଲର ଆପୋଲୋ କ୍ଲିନିକରେ ଚିକିତ୍ସା କରାଯାଉଛି। ଅନ୍ୟ ପକ୍ଷରେ ରାସ୍ତାରେ ଯାଉଥିବା ବାସୁ ରାଣାଙ୍କ ପତ୍ନୀ ଖୁନ୍ତା ରାଣା (୫୦)ଙ୍କ ଉପରେ ଭଙ୍ଗା କାନ୍ଥର କିଛି ଅଂଶ ପଡ଼ିବାରୁ ସେ ମଧ୍ୟ ଆହତ ହୋଇଛନ୍ତି। ଟାଉନ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ଏହି ଭଙ୍ଗା କାନ୍ଥ ଏକ ବିଦ୍ୟୁତ ଖୁଣ୍ଟରେ ପଡ଼ିବାରୁ ବିଦ୍ୟୁତ ଯୋଗାଣ ବାଧାପ୍ରାପ୍ତ ରହିଛି। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ ଉକ୍ତ କୋଠାଟି ବିପଦଶଙ୍କୁଳ ହୋଇ ପଡ଼ିଥିବାରୁ ତା'ର ମାଲିକ ଦୀର୍ଘ ଦିନ ହେଲା ପରତ୍ୟକ୍ତ ଅବସ୍ଥାରେ ଘରକୁ ଛାଡ଼ି ଦେଇଥିଲେ। ବିପଦଶଙ୍କୁଳ ଉକ୍ତ ଘରକୁ ଭାଙ୍ଗି ଦେବାକୁ ସ୍ଥାନୀୟ ଲୋକେ ଅନୁରୋଧ କରିଥିଲେ ହେଁ ଘର ମାଲିକ ଗୁରୁତ୍ୱ ଦେଇ ନ ଥିଲେ।

# ମହିଳାଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗ

**ବ୍ରଜରାଜନଗର, ୧୮।୨(ସମିସ):** ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଓରିଏଣ୍ଟ ଥାନା ଅନ୍ତର୍ଗତ ଦୁର୍ଗା ନଗର ଅଞ୍ଚଳର ଜଣେ ମହିଳାଙ୍କୁ ଶାଶୁଘର ଲୋକ ଯୌତୁକ ନିର୍ଯାତନା ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ଦୁର୍ଗାନଗର ଅଞ୍ଚଳର ଶକୁନ୍ତଳା ଗୋଛାୟତ (୩୧) ମଣ୍ଡଳିଆର ବୁଲୁ ନାୟକଙ୍କୁ ରୀତିନୀତି ଅନୁସାରେ ବିବାହ କରିଥିଲେ। ବାହାଘର ପରେ ଶାଶୁ ଶ୍ରୀମତୀ ନାୟକ ଓ ସ୍ୱାମୀ ୫୦ ଲକ୍ଷ ଟଙ୍କା ଓ ଅନ୍ୟାନ୍ୟ ଜିନିଷ ଆଣିବା ପାଇଁ କହି ତାଙ୍କୁ ମାଡ଼ପିଟ, ଗାଳି ଗୁଲଜ ଓ ହତ୍ୟା ଧମକ ଦେଇଥିବା ନେଇ ଶକୁନ୍ତଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୁଲିସ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି। ଅନ୍ୟପଟେ ଶ୍ରୀମତୀ ନାୟକ ତାଙ୍କ ବୋହୂ ଶକୁନ୍ତଳା ଘରେ କଳହ ସୃଷ୍ଟି କରିବା ସହ ମା' ଓ ପୁଅଙ୍କ ମଧ୍ୟରେ ବିଚ୍ଛେଦ ଘଟାଉଥିବା ଅଭିଯୋଗ କରିଛନ୍ତି। ଶକୁନ୍ତଳାଙ୍କ ପରିବାର ଲୋକେ ଉଭୟ ମାଆ ଓ ପୁଅଙ୍କୁ ମାଡ଼ପିଟ, ଗାଳି ଗୁଲଜ ଓ ହତ୍ୟା ଧମକ ଦେଇଥିବା ଶ୍ରୀମତୀ ଅଭିଯୋଗ କରିଛନ୍ତି। ତେବେ ଶକୁନ୍ତଳାଙ୍କ ଅନୁସାରେ ସ୍ୱାମୀ ସ୍ତ୍ରୀ ଭଲରେ ରହୁଥିବା ବେଳେ ସ୍ୱାମୀ ବୁଲୁ ଓ ତାଙ୍କ ଦୁଇ ଭଉଣୀ, ଭଣଜା, ମାମୁଁ ମାଇଁ ମିଶି ତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେବା ସହ ଗଳା ଚିପି ମାରପିଟି କରୁଥିବା ଅଭିଯୋଗ କରିଛନ୍ତି।

# ୪ ଗାଡ଼ି ମଧ୍ୟରେ ପଛକୁ ପଛ ଧକ୍କା, ଜଣେ ଗୁରୁତର

**ଝାରସୁଗୁଡ଼ା, ୧୮।୨(ସମିସ):** ସଦର ଥାନା ଅନ୍ତର୍ଗତ ବିଜୁଏକ୍ସପ୍ରେସ ୱେ ସ୍ଥିତ ନବ ଦାସ ଗଳି ଗୁପ୍ତା ଢ଼ାବା ନିକଟରେ ରବିବାର ସକାଳେ ପଛକୁ ପଛ ପିଟି ହୋଇ ୪ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ଜଣେ ବୋଲେରୋ ଡ୍ରାଇଭର ଗୁରୁତର ଭାବରେ ଆହତ ହୋଇଛନ୍ତି। ଅନ୍ୟ ଏକ ଗାଡ଼ି ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଛି। ଘଟଣାସ୍ଥଳରେ ସଦର ପୁଲିସ ପହଞ୍ଚି ଆହତଙ୍କୁ ଉଦ୍ଧାର କରିଛି।

# ବନ ବିଭାଗ ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ସଚେତନତା କାର୍ଯ୍ୟକ୍ରମ



**ଦେବଗଡ଼/ରିଆମାଳ, ୧୮।୨ (ସମିସ):** ଦେବଗଡ଼ ବନଖଣ୍ଡ ଆନୁକୂଲ୍ୟରେ ରିଆମାଳ ବନ ବିଭାଗ ପକ୍ଷରୁ ରବିବାର ବୁଢ଼ାପାଳଠାରେ ପ୍ଲାଷ୍ଟିକ ମୁକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରେଞ୍ଜର ନିରଞ୍ଜନ ଧରୁଆଙ୍କ ତତ୍ତ୍ୱାବଧାନରେ ପ୍ରଥମେ ସ୍ଥାନୀୟ ବୁଢାପାଳ ମେଡିକାଲ ପ୍ରାଙ୍ଗଣରୁ ସଚେତନତା ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ସମସ୍ତ ଫରେଷ୍ଟର, ପାରା ଷ୍ଟାଫ୍, ଗଜସାଥି, ଏସ୍ଏଚ୍ଜି ମହିଳାଙ୍କ ସମେତ ବିଦ୍ୟାଳୟ, କଲେଜର ଛାତ୍ରଛାତ୍ରୀମାନେ ଯୋଗ ଦେଇ ବୁଢ଼ାପାଳ ଗ୍ରାମ ପରିକ୍ରମା କରି ପ୍ଲାଷ୍ଟିକ ମୁକ୍ତ ଅଭିଯାନ ଉପରେ ସ୍ଲୋଗାନ ଦେଇଥିଲେ। ଏହାପରେ ନିକଟସ୍ଥ ଭାଇଭଉଣୀ ଜଳ ପ୍ରପାତକୁ ଯାଇ ସଫେଇ କାର୍ଯ୍ୟ କରିଥିଲେ। ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ ଯୋଗ ଦେଇ ଏହାକୁ ଉଦଘାଟନ କରି ନିଜେ ସଫେଇରେ ସାମିଲ ହୋଇଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ସାହୁ ଯୋଗ ଦେଇ ପଲିଥିନକୁ ସମସ୍ତେ ବାରଣ କଲେ ପଲିଥିନ୍ ମୁକ୍ତ ହୋଇ ପାରିବ ବୋଲି ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ସରକାରଙ୍କ ଯୁଗ୍ମ ଟାସ୍କଫୋର୍ସ ସଦସ୍ୟ ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଲଳିତ ମୋହନ ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବୁଢାପାଳ ନାଏବ ସରପଞ୍ଚ ଗିତାଞ୍ଜଳୀ ପ୍ରଧାନ, ଭାଇଭଉଣୀ ତାରିଣୀ ମନ୍ଦିର କମିଟି ସଭାପତି ଗିରୀଶ ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ଫରେଷ୍ଟର ପ୍ରଦୀପ ଶତପଥି ସଭା ପରିଚାଳନା କରିଥିବା ବେଳେ ରେଞ୍ଜର ଶ୍ରୀ ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ। ଫରେଷ୍ଟର ତପନ ନାୟକ, ଫରେଷ୍ଟର ଦୟାସାଗର ପ୍ରଧାନ, ଫରେଷ୍ଟର ଛବିଳ ବେହେରାଙ୍କ ସମେତ ସମସ୍ତ ଫରେଷ୍ଟର, ଫରେଷ୍ଟ ଗାର୍ଡ ଓ ପାରା ଷ୍ଟାଫ ସହଯୋଗ କରିଥିଲେ।

## ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା

# ଦେବଗଡ଼ ଜିଲ୍ଲାରୁ ୩୩ ଯାତ୍ରୀଙ୍କ ଆଜମେର୍-ପୁଷ୍କର ଯାତ୍ରା

**ଦେବଗଡ଼, ୧୮।୨(ସମିସ)**

ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ରବିବାର ଦେବଗଡ଼ ଜିଲ୍ଲାରୁ ୨୪ ଜଣ ପୁରୁଷ ଓ ୯ ଜଣ ମହିଳା ବରିଷ୍ଠ ନାଗରିକ ତୀର୍ଥଯାତ୍ରାରେ ଆଜମେର-ପୁଷ୍କର ଭ୍ରମଣ ନିମନ୍ତେ ବସ୍ ଯୋଗେ ସମ୍ବଲପୁର ଅଭିମୁଖେ ଯାତ୍ରା କରିଛନ୍ତି । ଏହି ପରିପ୍ରେକ୍ଷୀରେ ତୀର୍ଥଯାତ୍ରୀ ବସକୁ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରି ଦେଇ ଓ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ବରିଷ୍ଠ ନାଗରିକଙ୍କ ସହିତ ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ, ଈଶ୍ୱର ଗୁରୁ, ତାପସ କୁମାର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।




ରାଜ୍ୟ ବାହାରକୁ ଦିନେ ତୀର୍ଥ ଯାତ୍ରା କରିବା ସ୍ୱପ୍ନରେ ଭାବି ନ ଥିବା ଭାଲୁଚବା ଗ୍ରାମର ସେବତୀ ସାହୁ, ଦାନ୍ତାରୀବାହାଳ ଗ୍ରାମର ଉମେଶ ଚନ୍ଦ୍ର ସାମଲ ଓ ଝରାକଣ୍ଟଲ ଗ୍ରାମର ପ୍ରଫୁଲ୍ଲ ସେଠୀଙ୍କ ପରି ଅନେକ ବରିଷ୍ଠ ନାଗରିକଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଏଭଳି ଯୋଜନା କରିଥିବାରୁ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ତୀର୍ଥଯାତ୍ରୀମାନେ ସମ୍ବଲପୁରରେ ରାତ୍ର ରହଣି ପରେ ଆସନ୍ତାକାଲି ପୂର୍ବାହ୍ନରେ କ୍ଷେତରାଜପୁର ରେଳ ଷ୍ଟେସନରୁ ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ପୁଷ୍କର ଅଭିମୁଖେ ଯାତ୍ରା କରିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ମାଧ୍ୟମରେ ଏହି ତୀର୍ଥଯାତ୍ରା ଟ୍ରେନ୍‌ର ଶୁଭାରମ୍ଭ କରିବେ।

# ଯୁକ୍ତିତର୍କ ନେଇ ବାପ-ଝିଅଙ୍କୁ ଛୁରାମାଡ଼

**ବ୍ରଜରାଜନଗର, ୧୮।୨ (ସମିସ):** ଓରିଏଣ୍ଟ ଥାନା ଅନ୍ତର୍ଗତ ମଙ୍ଗଳା ମନ୍ଦିର ନିକଟ ଏକ ଜଳଖିଆ ଦୋକାନରେ ସାମାନ୍ୟ କଥାକୁ କେନ୍ଦ୍ର କରି ଜଣେ ବ୍ୟକ୍ତି ବାପ ଝିଅଙ୍କୁ ଛୁରାମାଡ଼ କରିଛି। ଛୁରାମାଡ଼ କରିଥିବା ବ୍ୟକ୍ତିଙ୍କ ନାମ ରାଧେ ନାମଦେବ। ଛୁରାମାଡ଼ କରି





ନାମଦେବ ଘଟଣାସ୍ଥଳରୁ ଫେରାର ମାରିଛି। ଛୁରାମାଡ ଯୋଗୁ ଅଞ୍ଜନି ପ୍ରସାଦଙ୍କ ବେକ, ହାତ ଏବଂ ତାଙ୍କ ଝିଅ ଅନୁ ଭରଦ୍ୱାଜଙ୍କ ହାତରେ ଆଘାତ ଲାଗିଛି। ଏହି ଘଟଣାକୁ ନେଇ ଓରିଏଣ୍ଟ ପୁଲିସ ତରଫରୁ ଏକ ମାମଲା ରୁଜୁ କରି ଆକ୍ରମଣକାରୀକୁ ଧରିବା ପାଇଁ ଚେଷ୍ଟା ଜାରି ରହିଛି। ମିଳିଥିବା ସୂଚନା ଅନୁଯାୟୀ ମଙ୍ଗଳା ମନ୍ଦିରରେ ଅଞ୍ଜନି ପ୍ରସାଦଙ୍କ ଏକ ଜଳଖିଆ ଦୋକାନ ରହିଛି। ରବିବାର ସକାଳେ ଅଞ୍ଜନି ଓ ତାଙ୍କ ଝିଅ ଅନୁ ଦୋକାନରେ ଥିବା ବେଳେ ରାଧେ ନାମଦେଓ ପହଞ୍ଚି ଜଳଖିଆ ମାଗିଥିଲେ। କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହେବା ପରେ ଉକ୍ତ ନାମଦେବ ଉଭୟ ବାପ ଝିଅଙ୍କୁ ଛୁରିରେ ଆକ୍ରମଣ କରିଥିଲା।




